visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.159 Bhubaneswar Wednesday August 10 2022 | ୨୫ତମ ବର୍ଷ ସଂଖ୍ୟା-୧୫୯ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୦, ୨୦୨୨ (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ମହାଗଠବନ୍ଧନରେ ୭ ପାର୍ଟି, କାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନୀତୀଶ କୁମାର



ପାଟନା, ୯।୮(ପି.ଏନ): ବିଜେପି ଠାରୁ ଅଲଗା ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ନୀତୀଶ କୁମାର। ଏହାପରେ ସେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ମିଶି ରାଜ୍ୟପାଳ ଫଗୁ ଚୌହାନଙ୍କ ସହ ବୈଠକ କରିଛନ୍ତି। ଏଥିସହ ସରକାର ଗଠନ କରିବାକୁ ଦାବି ଜଣାଇଛନ୍ତି। ଆସନ୍ତାକାଲି ସେ ବିହାରରେ ୮ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।ସେହିପରି ତେଜସ୍ୱୀ ଯାଦବ ତାଙ୍କ ଡେପୁଟି ଭାବେ ପଦ ଓ ଗୋପନୀୟତାର ଶପଥ ନେବେ। ଅପରାହ୍ନ ୪ଟାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ନୀତୀଶ କୁମାରଙ୍କ ନୂଆ ସରକାରରେ କଂଗ୍ରେସକୁ ୩ଟି ମନ୍ତ୍ରୀ ପଦ ମିଳିବ। ବାଚ୍ସ୍ପତି କଂଗ୍ରେସରୁ ହୋଇ ପାରନ୍ତି। ଯଦି କଂଗ୍ରେସକୁ ବାଚ୍ସ୍ପତି ପଦ ନ ମିଳିବ, ତା'ହେଲେ ନୀତୀଶ ସରକାରରେ ଦଳର ୪ ଜଣ ସଦସ୍ୟ ମନ୍ତ୍ରୀ ଭାବେ କାମ କରିବେ ବୋଲି ଜଣାପଡିଛି।ବିଜେପି ଠାରୁ ଅଲଗା ହୋଇ ନୀତୀଶ କୁମାର ବିହାରରେ ମହାଗଠବନ୍ଧନ ସରକାର ଚଳାଇବେ। ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଥିବା ବେଳେ ଏହି ମହାମେଣ୍ଟରେ ୭ଟି ରାଜନୀତିକ ଦଳ ସାମିଲ ହେବେ। ଏଥିସହ ଜଣେ ସ୍ୱାଧୀନ ବିଧାୟକ ମଧ୍ୟ ନୀତୀଶ କୁମାରଙ୍କୁ ସମର୍ଥନ କରିବେ। ମହାଗଠବନ୍ଧନରେ କଂଗ୍ରେସ ଓ ବାମଦଳ ରହିଛନ୍ତି।ରାଜ୍ୟପାଳଙ୍କୁ ଭେଟିବା ପରେ ନୀତୀଶ କୁମାର କହିଛନ୍ତି, "ଆମ ପାଖରେ ୭ ଦଳର ସମର୍ଥନ ରହିଛି। ସେହିପରି ଜଣେ ସ୍ୱାଧୀନ ବିଧାୟକ ଆମ ସହ ରହିଛନ୍ତି। ସମର୍ଥନ କରୁଥିବା ସଦସ୍ୟଙ୍କ ଦସ୍ତଖତ ରାଜ୍ୟପାଳଙ୍କ ପାଖରେ ଉପସ୍ଥାପନ କରାଯାଇଛି। ଆମ ପାଖରେ ଏବେ ୧୬୪ ଜଣ ବିଧାୟକ ରହିଛନ୍ତି। ସମର୍ଥନ କରୁଥିବା ବିଧାୟକଙ୍କ ଦସ୍ତଖତ ଥିବା ଚିଠି ରାଜ୍ୟପାଳଙ୍କୁ ଦିଆଯାଇଛି। ଏବେ ନୂଆ ସରକାର କେବେ ଗଠନ ହେବ ତା'ର ନିଷ୍ପତ୍ତି ରାଜ୍ୟପାଳ ନେବେ। ମୁଁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସାରିଛି। ଏ ସମ୍ପର୍କରେ ବିଧାୟକମାନଙ୍କୁ ଅବଗତ କରାଇ ସାରିଛି। ଦଳୀୟ ସାଂସଦ ଓ ବିଧାୟକଙ୍କ ସମର୍ଥନରେ ଏନଡିଏ ଠାରୁ ଜେଡିୟୁ ଅଲଗା ହୋଇଛି।" ସ୍ମିତ ହାସ୍ୟ ଦେଇ ନୀତୀଶ କୁମାର ଆହୁରି କହିଛନ୍ତି, "ରାଜନୀତି ଆରମ୍ଭରୁ ମୁଁ କେବେ ହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦେଇନାହିଁ। ଆମେ ସମାଜରେ ଭାଇଚାରା ଚାହୁଁ। ବର୍ତ୍ତମାନ ଓ ଭବିଷ୍ୟତରେ ଆମେ ଏକାଠି ରହିବୁ।" ରାଜ୍ୟପାଳଙ୍କୁ ନୀତୀଶ କୁମାରଙ୍କ ସହ ତେଜସ୍ୱୀ ମଧ୍ୟ ଭେଟିଛନ୍ତି। ଉଭୟ ରାଜଭବନରୁ ବାହାରିବା ପରେ ତେଜସ୍ୱୀ କହିଛନ୍ତି, "ଦାଦା-ପୁତୁରା ସରକାର ପୁଣି କମବ୍ୟାକ କରିଛି। ନୀତୀଶ କୁମାର ଦେଶର ସବୁଠାରୁ ଅଭିଜ୍ଞ ମୁଖ୍ୟମନ୍ତ୍ରୀ। ବିଜେପି କେବଳ ଲୋକଙ୍କୁ କେମିତି ଧର୍ମ ନାଁରେ ବଣ୍ଟା ଯିବ, ସେକଥା ଜାଣିଛି। ଜେଡିୟୁ ସହ ମେଣ୍ଟ ବେଳେ ସେମାନେ କ'ଣ କଲେ ଥରେ ଦେଖନ୍ତୁ।ସେ ଏହାକୁ ଶେଷ କରି ଦେବାକୁ ବସିଥିଲେ। ପଞ୍ଜାବ ଓ ମହାରାଷ୍ଟ୍ରକୁ ବି ଆପଣ ଉଦାହରଣ ଭାବେ ନେଇପାରିବେ। ସେମାନଙ୍କ ସହ ଯିଏ ବି ମେଣ୍ଟ କରିଛି, ସେମାନେ ତା'କୁ ହିଁ ଦୁର୍ବଳ କରିବାରେ ଲାଗନ୍ତି। ବିହାରରେ ବିଜେପି ଏଜେଣ୍ଡା ଯେମିତି କାର୍ଯ୍ୟକାରୀ ନ ହେବ, ସେକଥା ଆମେ ସମସ୍ତେ ଚାହୁଁଛୁ।"

## ଗୁଟଖା କାରଖାନା ମ୍ୟାନେଜର ଓ ମାଲିକ ଗିରଫ

ଗଞ୍ଜାମ, ୯।୮(ପି.ଏନ): ବ୍ରହ୍ମପୁର ବଡବଜାର ଥାନା ପୋଲିସ ଗୁରୁମୂର୍ତ୍ତି ପେଣ୍ଠ ସାହି ଓ ସୁକୁଣ୍ଡାରେ ଚଢ଼ଉ କରି ବିପୁଳ ପରିମାଣର ଗୁଟଖା ଓ ଗୁଟଖା ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ସାମଗ୍ରୀ ଜବତ କରିଛି । ଏହି ମାମଲାରେ ଗୁଟଖା କାରଖାନାର ମ୍ୟାନେଜର ଟୁକୁନା ସାହୁ ଓ ମାଲିକ ନାରାୟଣ ସାହୁଙ୍କୁ ଗିରଫ କରିଛି ପୋଲିସ। ଗୁଟଖା କାରବାରର ମୂଳ ପର୍ଯ୍ୟନ୍ତ ପହଂଚିବା ପାଇଁ ଖୋଳତାଡ଼ ଜାରୀ ରଖିଛି ପୋଲିସ।

## କଂଗ୍ରେସ ଛାଡିଲେ ୩୦ରୁ ଅଧିକ ନେତା ଓ କର୍ମୀ

ଭୁବନେଶ୍ୱର, ୯।୮(ପି.ଏନ): କଂଗ୍ରେସ ଦଳ ଛାଡିଛନ୍ତି ୩୦ରୁ ଅଧିକ ବରିଷ୍ଠ ନେତା ଓ କର୍ମୀ। ଏହା ଫଳରେ ରାଜ୍ୟ କଂଗ୍ରେସକୁ ବଡ ଝଟକା ଲାଗିଛି। ଏମାନଙ୍କ ମଧ୍ୟରେ ବହୁ ପୂର୍ବତନ ସାଂସଦ ଓ ବିଧାୟକ ସାମିଲ ଅଛନ୍ତି । ସମସ୍ତ ନେତା ହାଇକମାଣ୍ଡଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଛନ୍ତି। ପୂର୍ବତନ ସାଂସଦ ରାଧାକାନ୍ତ ଦିଗଲ, ପୂର୍ବତନ ବିଧାୟକ ରବି ବେହେରା , ଛାତ୍ର କଂଗ୍ରେସ ସାଧାରଣ ସଂପାଦକ ଅକ୍ଷୟ ମଲ୍ଲ , ପିସିସିର ପୂର୍ବତନ ସଂପାଦକ ନିକୁଞ୍ଜ ପଶାୟତ, ପୂର୍ବତନ ମୁଖପାତ୍ର ଅଶୋକ ସାମଲ , ଜାତୀୟ ସଂଯୋଜକ ସୌମ୍ୟ ମିଶ୍ର, ପୂର୍ବତନ ସାଧାରଣ ସଂପାଦକ ବିଶ୍ୱଜିତ ଦାସ ଦଳ ଛାଡିଛନ୍ତି । ତେବେ ଏହି ସବୁ ନେତା କଣ ପାଇଁ କଂଗ୍ରେସ ଛାଡିଛନ୍ତି ତାହା ଜଣାପଡିନାହିଁ ।ଅପରପକ୍ଷରେ କଂଗ୍ରେସ ନେତାଙ୍କ ଇସ୍ତଫା ପରେ କଟକ ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ, ଏହା ଆଶ୍ଚର୍ଯ୍ୟଜନକ ଏବଂ ଦୁଃଖଦାୟକ। ମୋ ସହ କେହି ଆଲୋଚନା କରିନାହାନ୍ତି। କିନ୍ତୁ ସେମାନଙ୍କ ସହ ମୁଁ ଆଲୋଚନା କରିବି । ୩୦ ଜଣ ଇସ୍ତଫା ଦେଇଥିବା ନେତାଙ୍କ ଭିତରେ କଟକ କଂଗ୍ରେସ ସଂଗଠନର ଅନେକ ନେତା ରହିଛନ୍ତି।

## ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ କୃଷି ଅଧିକାରୀଙ୍କୁ ଧରିଲା ଭିଜିଲାନ୍ସ



ପଦ୍ମପୁର, ୯।୮(ପି.ଏନ): ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାବୁଡରେ ପଡିଲେ ଆଉ ଜଣେ ସରକାରୀ ବାବୁ। ବିନା ଲାଇସେନ୍ସରେ ସାର ଦୋକାନ ଖୋଲିବାକୁ ଜଣେ ବ୍ୟକ୍ତିଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ୍ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କୁ ଧରିଛି ଭିଜିଲାନ୍ସ। ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହ ପ୍ରଣୟଙ୍କୁ ଗିରଫ କରି ପଚ଼ରାଉଚ଼ରା କରୁଛି। ଏହାସହ ଭିଜିଲାନ୍ସ ପ୍ରଣୟଙ୍କ ଭୁବନେଶ୍ୱରର ଶୈଳଶ୍ରୀ ବିହାର ସ୍ଥିତ ଘର, କଟକ ତିନିଘରିଆରେ ଥିବା ପୈତୃକ ଘର ଓ ପାଇକମାଳରେ ଥିବା ସରକାରୀ ବାସଭବନରେ ଚ଼ଢ଼ାଉ କରିଛି। ପାଇକମାଳରେ ଜଣେ ଦୋକାନୀ ଉଚ୍ଚା ଦରରେ ସାର ବିକ୍ରି କରୁଥିଲେ। କୃଷି ବିଭାଗର ଅଧିକାରୀମାନେ ଖବର ପାଇ ତାଙ୍କ ଦୋକାନରେ ଚ଼ଢ଼ାଉ କରିଥିଲେ। ଏହାସହ ଦୋକାନର ଲାଇଲେନ୍ସକୁ ସିଜ୍ କରିଥିଲେ। ସାର ଦୋକାନୀ ଜଣଙ୍କ ଲାଇସେନ୍ସ ରିନ୍ୟୁ କରିବା ପାଇଁ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ତେବେ ପ୍ରଣୟ କୁମାର ମନ୍ତ୍ରୀ ସେଠାରେ ଦୋକାନୀଙ୍କୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗ ଅନୁଯାୟୀ, ସେ ସାର ଦୋକାନୀଙ୍କୁ କହିଥିଲେ ଯେ ତାଙ୍କର ଲାଇସେନ୍ସ ରିନ୍ୟୁ ହୋଇପାରିବ ନାହିଁ। ଏଥିପାଇଁ ସମୟ ଲାଗିବ। ଏହା ସହିତ ସେ ସାର ଦୋକାନରଙ୍କୁ ବିନା ଲାଇଲେନ୍ସରେ ଦୋକାନ ଖୋଲିବାକୁ କହିବା ସହ ପରେ ଲାଇସେନ୍ସ ରିନ୍ୟୁ କରାଇ ଦେବେ ବୋଲି ପ୍ରଣୟ କହିଥିଲେ ଓ ଏଥିପାଇଁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ।ସାର ଦୋକାନୀ ଜଣଙ୍କ କୃଷି ଅଧିକାରୀଙ୍କ କଥାରେ ରାଜି ହୋଇଯାଇଥିଲେ। ଏହା ସହିତ ଏ ସଂପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ଲାଞ୍ଚ ଟଙ୍କା ଦେବା ପାଇଁ ସାର ଦୋକାନୀ ଜଣଙ୍କ ଆଜି ପାଇକମାଳ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ପ୍ରଣୟ କୁମାର ମନ୍ତ୍ରୀ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରି ପକାଇଥିଲେ। ବରଗଡ ଓ ସମ୍ବଲପୁର ଜିଲ୍ଲାର ଭିଜିଲାନ୍ସ ଟିମ୍ ଏଥିରେ ସାମିଲ ହୋଇଥିଲେ।

## ଲୁଗା ଦୋଳିରେ ଗୁଡ଼େଇ ହୋଇ ଗଲା ୭ ବର୍ଷ ଝିଅର ଜୀବନ



ଉଦଳା, ୯।୮(ପି.ଏନ): ଲୁଗାରେ ପ୍ରସ୍ତୁତ ଦୋଳି ଗୁଡ଼େଇ ହୋଇ ଗଲା ୭ ବର୍ଷ ଝିଅର ଜୀବନ। ଆଜି ଏପରି ହୃଦୟବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଞ୍ଚଳରେ ଘଟିଛି। ଝିଅର ମୃତ୍ୟୁରେ ପରିବାରରେ ଶୋକର ଛାୟା ଖେଳି ଯାଇଛି।କପ୍ତିପଦା ଥାନା ପେଡ଼ାଗଡ଼ି ଗାଁର ବିରେନ୍ଦ୍ର ନାୟକଙ୍କ ପରିବାର ଲୋକ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଘରେ ଖାଉଥିଲେ। ଠିକ୍ ଏହି ସମୟରେ ବିରେନ୍ଦ୍ରଙ୍କ ୭ ବର୍ଷର ଝିଅ ମାମୁନି ଦାଣ୍ଡ ପିଣ୍ଡରେ ଲୁଗାରେ ପ୍ରସ୍ତୁତ ଦୋଳିରେ ଝୁଲୁଥିଲେ। ଝୁଲିବା ବେଳେ ଲୁଗା ଦୋଳିଟି ମାମୁନିଙ୍କ ବେକରେ ଗୋଡାଇ ଯାଇଥିଲା। ସେ ସେହି ଦୋଳିରେ ଚେତା ହରାଇ ରହିଯାଇଥିଲା। ପରେ ପରିବାର ଲୋକେ ତାକୁ ଉଦ୍ଧାର କରି ଉଦଳା ମେଡିକାଲ୍ ?ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ।

## ସମୁଦ୍ରରେ ସ୍ନାନ ବେଳେ ଅଘଟଣ : ଜଣେ ମୃତ, ୨ ଆହତ

ପୁରୀ, ୯।୮(ପି.ଏନ): ଦିଗବାରେଣୀ ନିକଟ ସମୁଦ୍ରରେ ଗାଧୋଉଥିବା ସମୟରେ ଭାସିଗଲେ ତିନିଜଣ ପର୍ଯ୍ୟଟକ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ଛତିଶଗଡ଼ ରାୟଗଡ ଅଂଚଳର ମିନାକ୍ଷୀ ନାୟକ ବୋଲି ଜଣାପଡିଛି।ଆଜି ସକାଳେ ସେକ୍ଟର ୧ର ଦିଗବାରେଣି ଖୁଂଟି ବେଳାଭୂମୀରେ ମିନାକ୍ଷୀଙ୍କ ସହ ତାଙ୍କ ପରିବାରର ଅନ୍ୟ ପାଂଚ ଜଣ ଗାଧୋଇବା ସମୟରେ ହଠାତ ୩ ଜଣ ଭାସିଯାଇଥିଲେ। ତେବେ ଭାସିଯାଇଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ କିଛି ସମୟ ପରେ ମିନାକ୍ଷୀଙ୍କୁ ବ୍ଲୁଫ୍ଲାଗ ବିଚ୍ ସମୁଦ୍ରରୁ ଉଦ୍ଧାର କରାଯାଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସମୁଦ୍ରକୂଳ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଦୁଇଟି କରତ କଳ ଓ ଗୋଟିଏ କାଠ ଡିପୋ ଉପରେ ଚଢ଼ଉ

ଗଞ୍ଜାମ, ୯।୮(ପି.ଏନ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏ. ବରିଡ଼ା ଗ୍ରାମରେ ଆଜି ସକାଳେ ବନ ବିଭାଗ ଏବଂ ପୋଲିସ ପକ୍ଷରୁ ଦୁଇଟି କରତ କଳ ଓ ଗୋଟିଏ କାଠ ଡିପୋ ଉପରେ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ସେଠାରୁ ଦୁଇଟି କରତ କଳ ଏବଂ ୧ କୋଟି ଟଙ୍କାର ମୂଲ୍ୟବାନ କାଠ ଜବତ ହୋଇଛି। ଏହି ଚଢ଼ଉରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ସହ କବିସୂର୍ଯ୍ୟନଗର, ଆସିକା, ସୋରଡ଼ା, ବୁଗୁଡ଼ା ରେଞ୍ଜ୍ ର ବନ ଅଧିକାରୀଙ୍କ ସମେତ କବିସୂର୍ଯ୍ୟନଗର ଅତିରିକ୍ତ ତହସିଲଦାର ନବକିଶୋର ପାତ୍ର ସାମିଲ୍ ହୋଇଥିଲେ ।

## ଜାତୀୟ ରାଜପଥ କଡ଼ରୁ ମୃତଦେହ ଉଦ୍ଧାର

ଗଞ୍ଜାମ, ୯।୮(ପି.ଏନ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଜାତୀୟ ରାଜପଥ କଡ଼ରେ ଆଜି ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିଛି। ମୃତକ ଜଣକ ହେଲେ ପୁତିଗୋପାଳପୁର ଚର୍ଚ୍ଚ ରୋଡ଼ର ଦେବରାଜ ବେହେରା (୫୦)।

# ଲୋନ୍ ଆପ୍ ଡାଉନ୍‌ଲୋଡ କରି ଫସିଗଲେ ଆଇନଛାତ୍ରୀ



କଟକ, ୯।୮(ପି.ଏନ): ଫେସ୍‌ବୁକ୍‌ରେ ଦେଖାଉଥିବା ଏକ ଡିଜିଟାଲ୍ ଲୋନ ଆପ୍ ଡାଉନ୍‌ଲୋଡ୍ କରିଥିଲେ। ପରେ ଆପ୍‌ରେ ଦେଖାଉଥିବା ଫର୍ମ ଫିଲପ କଲେ। ବାସ୍ ତାହା ପରେ ଆରମ୍ଭ ହୋଇଗଲା ବ୍ଲାକ୍‌ମେଲିଂ ଓ ନିର୍ଯାତନା। ଲୋନ ନେଇଛ, ତୁରନ୍ତ ଦିଅ ବୋଲି ଏସ୍‌ଏମ୍‌ଏସ୍ ବି ଆସିଲା। ନହେଲେ ତୁମର ନ୍ୟୁଡ୍ ଫଟୋ ଭାଇରାଲ କରିଦିଆଯିବ ବୋଲି ଫୋନ୍ ବି ଆସିଲା। ସତକୁ ସତ ତାହାହିଁ ହେଲା। ଫୋନ୍‌କୁ ହ୍ୟାକ୍ କରି ହ୍ୱାଟସ୍ ଆପ୍ କଣ୍ଟାକ୍ଟରେ ଥିବା ସମସ୍ତ ଲୋକଙ୍କ ପଠାଇ ଦେଲେ ନଗ୍ନ ଫଟୋ। କଟକର ଜଣେ ଆଇନ ଛାତ୍ରୀ ଏଭଳି ଘଟଣାର ଶିକାର ହୋଇଛନ୍ତି। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ପୁଲିସ ଏହାର ତଦନ୍ତ ଚ଼ଳାଇଛନ୍ତି।ତେଣୁ ଅନ୍‌ଲାଇନ୍ ଲୋନ୍ ଆପ୍ ବ୍ୟବହାର କରୁଥିଲେ ସାବଧାନ। ଆପଣ ବି ହୋଇପାରନ୍ତି ଏମିତି ଘଟଣାର ଶିକାର। ହରାଇପାରନ୍ତି ମାନସମ୍ମାନ ଓ ଲକ୍ଷାଧିକ ଟଙ୍କା।ପୁଲିସରେ ଅଭିଯୋଗ ଦେଇଥିବା ଆଇନ ଛାତ୍ରୀଙ୍କ କହିବା ମୁତାବକ, ଫେସ୍‌ବୁକ୍ ଦେଖୁ ଦେଖୁ ଆଖିରେ ପଡ଼ିଥିଲା ଏକ ଲୋନ ଆପ୍ଲିକେସନ୍ ଆଡ୍। ଲୋଭରେ ପଡ଼ି ଏହାକୁ କ୍ଲିକ୍ କରିଦେଲେ ସେ। ଏପରିକି ଅନ୍‌ଲାଇନ୍ ଫର୍ମରେ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ଥିବା ଫୋନ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ, ଆଧାର ନମ୍ବର, ପାନ୍ ନମ୍ବର ଆଦି ମଧ୍ୟ ଦେଇଥିଲେ। କିଛି ସମୟ ପରେ ତାଙ୍କ ହ୍ୱାଟ୍ସଆପ୍‌କୁ ଆସିଲା ଏକ ମେସେଜ୍। ଯେଉଁଥିରେ ଲେଖାଥିଲା, ତମେ ଲୋନ୍ ନେଇଛ। ୨ ହଜାର ଟଙ୍କା ପଠାଅ।ଯୁବତୀ ଜଣକ କୌଣସି ଲୋନ୍ ନେଇନଥିବା କହିବା ପରେ ବି ହ୍ୱାଟ୍ସଆପ୍‌ରୁ ଆସିଲା ଏକ ଫୋନ୍ କଲ। ଜଣେ ବ୍ୟକ୍ତି ହିନ୍ଦୀରେ ଅଶାଳୀନ ଭାଷାରେ କଥାବାର୍ତ୍ତା କରିଥିଲେ। ସଂପୃକ୍ତ ଯୁବତୀଙ୍କ ଉଲଗ୍ନ ଫଟୋକୁ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲେ। ଖାଲି ଧମକ ନୁହଁ, ଏହି ଛାତ୍ରୀଙ୍କ ଫଟୋ ଓ ତାଙ୍କ ମୋବାଇଲରେ ଥିବା ସମସ୍ତଙ୍କ ହାଟ୍ସଆପ୍ ନମ୍ବରକୁ ଏକ ଫେକ୍ ନ୍ୟୁଡ୍ ଫଟୋ ପଠାଇଦେଇଥିଲେ। ହ୍ୱାଟସ୍ ଆପ୍ ଡିପିରୁ ଯୁବତୀଙ୍କ ଫଟୋ ଚୋରାଇ ନେବା ପରେ ଏହାକୁ ଏଡିଟି କରି ନ୍ୟୁଡ୍ ଚିତ୍ର ଯୋଡିଥିଲେ ସାଇବର ଠକ। ସାଇବର ଠକଙ୍କ ଏଭଳି ଘଟଣା ଜଣାପଡ଼ିବା ପରେ ସଂପୃକ୍ତ ଯୁବତୀ ଏବେ କଟକ ସାଇବର ଥାନାରେ ଏତଲା ଦେଇଛନ୍ତି।ଏନେଇ କଟକ ସାଇବର ଥାନା ଆଇଆଇସି ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, କେବଳ ଏହି ଜଣେ ଯୁବତୀ ନୁହଁନ୍ତି, କଟକରେ ଆଉ ଜଣେ ଯୁବତୀଙ୍କୁ ଚାଇନିଜ୍ ଆପ୍ ଜରିଆରେ ହଜାରେ ଟଙ୍କାର ଲୋନ୍ ଦେଇ ୮୦ ହଜାର ଟଙ୍କା ଲୁଟିଛନ୍ତି ସାଇବର ଲୁଟେରା। ଏଭଳି ସର୍ବସ୍ୱାନ୍ତ କରିବା ପାଇଁ ପ୍ଲେ ଷ୍ଟୋରରେ ଭର୍ତ୍ତି ହୋଇରହିଛି ବହୁ ଚାଇନିଜ ଆପ୍। ଯାହାକୁ ମୋବାଇଲରେ ଡାଉନ ଲୋଡ କରିବା କ୍ଷଣି କିଛି ଲୋକେ ଠକେଇ ଓ ବ୍ଲାକ୍‌ମେଲିଂର ଶିକାର ହେଉଛନ୍ତି।ଇଓଡବ୍ଲ୍ୟୁ ଏସ୍‌ପି ଦିଲ୍ଲୀପ ତ୍ରିପାଠୀ କହିଛନ୍ତି, ଭାରତରେ ଏଭଳି ହଜାରେରୁ ଅଧିକ ଲୋନ୍ ଆପ୍ ଥିବାବେଳେ ଅଧିକାଂଶ ବେଆଇନ୍। ସେହି ବେଆଇନ୍ ଆପ୍ ମାଷ୍ଟରମାଇଣ୍ଡ ହେଉଛନ୍ତି ଚାଇନିଜ୍ ନାଗରିକ। ନିକଟରେ ଚାଇନିଜ୍ ନାଗରିକ ଲିୟୁ ୟି ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି ଓଡ଼ିଶା ସମେତ ମୁମ୍ବାଇ ପୁଲିସ। ତାକୁ ଧରିବାକୁ କସରତବେଳେ ସେ ନେପାଳରୁ ଖସିଯାଇଛି। ସେଠାରେ ବି ସେ ବେଆଇନ ଲୋନ୍ ଆପରେ ଲୋକଙ୍କୁ ଠକିଛି। ଏହି ମାମଲାରେ ସେଠାରେ ଗିରଫ ହୋଇଛନ୍ତି ୧୯୦ ଜଣ। ଏମାନଙ୍କ ମଧ୍ୟରେ ରହିଛନ୍ତି କିଛି ଚାଇନିଜ୍। ୨୦୧୯ରେ ଲିୟୁ ୟି ବେଙ୍ଗାଲୁରୁକୁ ଆସି ଆରମ୍ଭ କରିଥିଲା ଏହି କଳାଧନ୍ଦା। କିଛି ଭାରତୀୟଙ୍କୁ ହାତ କରି ଜାଲ୍ କମ୍ପାନୀ ତିଆରି କରିବା ସହ ସେମାନଙ୍କୁ ବଡ଼ ବଡ଼ ପଦବୀରେ ବସାଇ ଲୋକଙ୍କୁ ଠକିବାକୁ ଜାଲ ବିଛାଇଥିଲା। ସେମାନଙ୍କ ନାଁରେ ବ୍ୟାଙ୍କ୍ ଆକାଉଣ୍ଟ କରି ବେଆଇନ ଲୋନ୍ ଆପ୍‌ରେ ଆର୍ଥିକ କାରବାର ଚ଼ଳାଇଥିଲା ବୋଲି ସେ କହିଛନ୍ତି।


## ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ✓ ନମିତା ଅଧିକାରୀ

ରାଧାବଲ୍ଲଭ ସାହି, ଖୋର୍ଦ୍ଧା

ଆବିର୍ଭାବ : ୧୦.୧୨.୧୯୩୯
ତିରୋଧାନ: ୦୧.୦୮.୨୦୨୨

ଆଜି ଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ପୁତ୍ର- ଦେବାଶିଷ ଅଧିକାରୀ, ପୁତ୍ରବଧୂ- ଅର୍ଚ୍ଚନା ଅଧିକାରୀ, ଝିଅ-କୁନି, ରୁନା, ଇନୁରୀ, ଇତି, ଗୀତି, ଜ୍ୱାଇଁ- ବାବୁଲି ଦାସ, ଜୟନ୍ତ, ଆଶିଷ ପଟ୍ଟନାୟକ, ବାବୁ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ଝିଆରି-ରୁବି, ପୁତୁରା-ରାଜୁ, ନାତି- ଗୋପାଳ, ନନ, ସୋନୁ, ଓମ୍, ଶୁଭମ୍, ନାତୁଣୀ- ମାମୁନି, ଅନ୍ୟାନ୍ୟ ବନ୍ଧୁବାନ୍ଧବ ଓ ଶୋକସନ୍ତପ୍ତ ପରିବାର ବର୍ଗ।











# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ଓ୍ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ସ୍ୱର୍ଗତଃ ସଂଗ୍ରାମ ଜେନାଙ୍କ ଜନ୍ମବାର୍ଷିକ ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜିତ



ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ରଂଜିତ ପାତ୍ରଙ୍କ ତତ୍ୱାବଧାନରେ ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ, ବିଶିଷ୍ଟ ସମାଜସେବୀ ଓଡ଼ିଶାର ଛାତ୍ରଯୁବ ମାନଙ୍କର ପଥପ୍ରଦର୍ଶକ ତଥା ସ୍ୱାଭିମାନୀ ରାଜନେତା ସ୍ୱର୍ଗତଃ ସଂଗ୍ରାମ କେଶରୀ ଜେନାଙ୍କ ଜନ୍ମବାର୍ଷିକ ପାଳନ ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ଓଡ଼ିଶା ବ୍ଲଡ ସେଂଟର ବିଏମସି ହସପିଟାଲ ପରିଚାଳନା କରିଥିଲା ବେଳେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସ୍ୱର୍ଗତଃ ସଂଗ୍ରାମ କେଶରୀ ଜେନା କଂଗ୍ରେସ ଦଳରେ ଏକ ଅମୂଲ୍ୟ ସଂପତି ଥିଲେ। ଜଣେ ପ୍ରତିଭାବାନ ଯୁବନେତା ଓ କର୍ତବ୍ୟନିଷ୍ଠ ରାଜନେତା ଭାବରେ ତାଙ୍କର ଆଦୃତି ଥିଲା। ସେ ଯୁବ କଂଗ୍ରେସ ସଭାପତି ଥିଲା ବେଳେ ସାରା ରାଜ୍ୟରେ ଯୁବକମାନଙ୍କୁ ସଂଗଠିତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ବିଭିନ୍ନ ଜିଲ୍ଲାରେ ରାଜ୍ୟ ସରକାରର ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୋଧରେ ଆନ୍ଦୋଳନ କରିଥିଲେ। ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ରାଜନୀତିର ମୁଖ୍ୟସ୍ରୋତରେ ସାମିଲ ହେବାପାଇଁ ଉତ୍ସାହିତ କରୁଥିଲେ। ବନ୍ୟା, ବାତ୍ୟା, ମରୁଡ଼ି, କରୋନା ପ୍ରଭୃତି ପ୍ରାକୃତିକ ଦୁର୍ବିପାକରେ ପ୍ରପୀଡ଼ିତ ଲୋକଙ୍କୁ ମୁକ୍ତହସ୍ତରେ ସାହାଯ୍ୟ କରିବା ସହ ଉଦ୍ଧାର କାର୍ଯ୍ୟ କରୁଥିଲେ। ତାଙ୍କର ମୃତ୍ୟୁପରେ ମଧ ତାଙ୍କର ଅନୁଗାମୀମାନେ ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବାପାଇଁ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସେ ତାଙ୍କ ଜୀବନକାଳରେ ଶହ ଶହ ରକ୍ତଦାନ ଶିବିର ଆୟୋଜିତ କରିଥିଲେ ଏବଂ ତାଙ୍କ ପାଇଁ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ଏହି ରକ୍ତଦାନ ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ପୂର୍ବତନ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଶରତ ରାଉତ, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ଶିବାନନ୍ଦ ରାୟ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବନ୍ଦିତା ପରିଡ଼ା, ବିଶ୍ୱଜିତ ଦାଶ, ରଜତ ଚୌଧୁରୀ, ଯୁବ କଂଗ୍ରେସ ପ୍ରଭାରୀ ସେସ୍ ନାରାୟଣ ଓଝା, ୟାସିର ନୱାଜ, ସ୍ମୃତି ଲେଙ୍କା, ମନୋଜ ଜେନା, ପ୍ରକାଶ ମିଶ୍ର, ଆଲୋକ ଲେଙ୍କା, ସ୍ୱାଗତ କର, ଅଜୟ ସାହୁ, ବଟକୃଷ୍ଣ ରାଉତରାୟ, ଅମ୍ରେଶ ପରିଡ଼ା, ନଳିନୀକାନ୍ତ ନାୟକ, ବିରଂଚି ବାରିକ, କାର୍ତିକେଶ୍ୱର କାଣ୍ଡି, ରଣଜିତ ସେନାପତି, ଜଗଦିଶ ଗଜେନ୍ଦ୍ର, ମନୋଜ ବିଶ୍ୱାଳ, ମହମ୍ମଦ ଗୁଲଫାମ, ଉଦିତ ପ୍ରଧାନ, ସାହାରୁଖ ଖାନ, କିରଣ ସାହୁ, ଗୋପନ ମାର୍ଥା, ବିଶ୍ୱଭୂଷଣ ମହାପାତ୍ର, ସମିଉଲ ହକ, ପ୍ରତ୍ୟୁଷ ପ୍ରଧାନ, ନିତେଶ ବେହେରା, ପ୍ରଭାତ ପ୍ରତାପ ସିଂ, ସଂକୁନା କହଁର, ସାଗର ପଟ୍ଟନାୟକ, ରିଆଜୁଲ ଇସଲାମ, ବଳରାମ ନନ୍ଦ, ଶ୍ରୀ ମହାନ୍ତି, ଲିପିକା ପାତ୍ର, ରାଜଲକ୍ଷ୍ମୀ ନନ୍ଦ, ଆର୍ଯ୍ୟାନ ସାସମଲ, ରାଜଲକ୍ଷ୍ମୀ ସାହୁ, ତୁଷାରକାନ୍ତି ତପସ୍ୱୀ, ସୋମ୍ୟ ବରାଳ, ସନ୍ଦିପ ରାଉତରାୟ, ପ୍ରତ୍ୟୁଷ ପ୍ରଧାନ, ମୁନୁ ପରିଡ଼ା, ପିୟୁଷ ଜେନା, ସୁନିଲ ସାହୁ, ଦେବାଶିଷ ସାହୁ, ଦେବାଶିଷ ମହାପାତ୍ର, ସୌରଭ ପଟ୍ଟନାୟକ, ମୁନା ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିର ପରେ ଏକ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା।

# ମା' ମଙ୍ଗଳା ଗୌରୀ ଶକ୍ତିପୀଠ, ଗୟା



ପଦ୍ମ ପୁରାଣ, ବାୟୁ ପୁରାଣ ଓ ଅଗ୍ନି ପୁରାଣରେ ଯେଉଁ ଗୋଟିଏ ମନ୍ଦିରର ଉଲ୍ଲେଖ ରହିଛି, ସେ ହେଲା ବିହାରର ସବୁଠୁ ପ୍ରସିଦ୍ଧ ମଙ୍ଗଳା ଗୌରୀ ମନ୍ଦିର। ଏହି ମନ୍ଦିର ବିହାରର ଗୟା ସହରରେ ଅବସ୍ଥିତ। ଏହି ମନ୍ଦିର ୧୫ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଏହି ମନ୍ଦିର ମା' ସତୀଙ୍କୁ ସମର୍ପିତ ହୋଇଥିଲା। ଗୟାର ଏହି ମନ୍ଦିର ବିଶେଷ ଭାବେ ବୈଷ୍ଣବ ପରିଚୟ ଅଟେ। କୃପା ଓ କରୁଣାର ଦେବୀ ରୂପରେ ମଙ୍ଗଳା ଗୌରୀଙ୍କର ପୂଜାର୍ଚ୍ଚନା କରାଯାଏ। ଏହି ମନ୍ଦିରକୁ ଉପ ଶକ୍ତିପୀଠରେ ସାମିଲ୍ କରା ଯାଇଛି। ଯେଉଁ ଭକ୍ତ ମା'ମଙ୍ଗଳା ଗୌରୀଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଯୋଗୁ ମା'ମଙ୍ଗଳା ଗୌରୀ ପ୍ରତ୍ୟକ୍ଷ ଦେବୀ ବୋଲି ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ବିଶ୍ୱାସ ରହିଛି।




ଏହି ମନ୍ଦିରକୁ ନେଇ ଅନେକ କିମ୍ବଦନ୍ତୀ ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କରାଉଥିବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି




ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ବିହାର ପ୍ରଦେଶ ଗୟାର ଭଷ୍ମକୁଟ ପର୍ବତ ଉପରେ ମା' ସତୀଙ୍କ ସ୍ତନଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମା'ମଙ୍ଗଳା ଗୌରୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ଏହି ମନ୍ଦିର ପୂର୍ବ ଦିଗରେ ଥିବା ମଙ୍ଗଳା ଗୌରୀ ପାହାଡ଼ ଉପରେ ତିଆରି କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମନ୍ଦିର ପର୍ଯ୍ୟନ୍ତ ପହଂଚିବାକୁ ପାହାଚ ଗୁଡ଼ିକ ତିଆରି ହୋଇଛି ଓ ମୋଟର ଗାଡ଼ିରେ ଯିବା ପାଇଁ ରାସ୍ତାର ମଧ୍ୟ ବ୍ୟବସ୍ଥା ହୋଇଛି।



ଏହି ପବିତ୍ର ମନ୍ଦିରରେ ଦେବୀଙ୍କ ବହୁ ସୁନ୍ଦର ଓ ଧାତୁ ପଥର ଆଦିରେ କାରୁକାର୍ଯ୍ୟ କରାଯାଇଥିବା ମୂର୍ତ୍ତି ଗୁଡ଼ିକ ସ୍ଥାପିତ ହୋଇଛି। ମନ୍ଦିରର ସାମ୍ନାରେ ହିଁ ଗୋଟିଏ ଛୋଟ ମଣ୍ଡପ ରହିଛି। ଏଠାରେ ମଧ୍ୟ ଭଗବାନ ଶିବଙ୍କର ଛୋଟ ଛୋଟ ଦୁଇଟି ମନ୍ଦିର ରହିଛି। ଏଥିସହ ମହିଷାସୁର ମର୍ଦ୍ଦିନୀ, ଦୁର୍ଗା ଓ ଦେବୀ କାଳୀଙ୍କର ମୂର୍ତ୍ତି ମାନ ରହିଛି। ଏହି ମଙ୍ଗଳା ଗୌରୀଙ୍କ ମନ୍ଦିର ପରିସରରେ ମା'କାଳୀ, ଭଗବାନ ଗଣେଶ, ଭଗବାନ ହନୁମାନ ଓ ଭଗବାନ ଶିବଙ୍କ ମନ୍ଦିର ବି ରହିଛି। ଗୟା ଭଳି ପବିତ୍ର ସହର ଆମ ଦେଶରେ ଅନେକ ରହିଛି। ମାତ୍ର ପ୍ରତ୍ୟେକ ସହରର ନିଜ ନିଜର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତି ସହରର ନିଜସ୍ୱ ଭିନ୍ନ ଭିନ୍ନ ଗୁରୁତ୍ୱ ରହିଛି। ସେହିଭଳି ଗୟା ସହରର ମଧ୍ୟ ନିଜର ଭିନ୍ନ ପରିଚୟ ରହିଛି।

ଏହି ସହରର ପ୍ରମୁଖ ବିଶେଷତ୍ୱ ହେଲା, ଏହାର ନାମ ଗୟା ନାମକ ଏକ ରାକ୍ଷସ ନାଁ ରେ ରଖା ଯାଇଥିଲା। ଗୟା ସହରରେ ମଙ୍ଗଳା ଗୌରୀ ଦେବୀଙ୍କର ମନ୍ଦିର ଜାଗ୍ରତ ପ୍ରହରୀ ଭାବେ ବିରାଜମାନ। ଏହା ସହିତ ଏହି ସହରରେ ଭୀମଙ୍କର ମଧ୍ୟ ମନ୍ଦିର ରହିଛି। ସାରା ଦେଶରେ ଏଭଳି ବହୁ କମ୍ ସ୍ଥାନ ରହିଛି, ଯେଉଁଠି ଭୀମଙ୍କ ଭଳି ମହାଭାରତର ମହାନ୍ ଯୋଦ୍ଧାଙ୍କ ମନ୍ଦିର ଅଛି। ଭୀମଙ୍କ ସଂପର୍କରେ ମଧ୍ୟ କୁହାଯାଏ ଯେ, ସେ ଏହି ସ୍ଥାନରେ ଶ୍ରାଦ୍ଧ କର୍ମ କରିଥିଲେ।



ବର୍ଷର ସବୁ ସମୟରେ ମା'ମଙ୍ଗଳା ଗୌରୀ ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମା'ମଙ୍ଗଳା ଗୌରୀ ଦେବୀଙ୍କରଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା'ମଙ୍ଗଳା ଗୌରୀ ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**ଶରତ କୁମାର ରାଉତ,**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

## ସତ୍ୟସାଇ ମହିଳା ମହାବିଦ୍ୟାଳୟ ୪୧ତମ ପ୍ରତିଷ୍ଠା ଦିବସରେ ଲାଗିଲା ଔଷଧୀୟ ବୃକ୍ଷ ଚାରା

ଭୁବନେଶ୍ୱର (ପିଏନ୍): ରାଜଧାନୀ ଗଣ୍ଡମୁଣ୍ଡାସ୍ଥିତ ସତ୍ୟସାଇ ମହିଳା ମହାବିଦ୍ୟାଳୟ ୪୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ୪୧ଟି ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା



ଡ. ମାନଷୀ କୁମାରୀ ବସ୍ତିଆ, ଡ. ଦେବଜାନୀ ସିଂ, ସ୍ମିତା ବିଶ୍ୱାଳ, ଡ. ଇତିଶ୍ରୀ ଦାଶ, ଡ ମୃନ୍ମୟୀ ରଥ, ଶାଶ୍ୱତୀ ପତି, ମୀନା ମହାନ୍ତି, ଡ. ନିହାରିକା ଦାସ, ଡ. ବନଜା ତାଲଡ଼ି, ଅରବିନ୍ଦ ଦାସ, ଶୁଭଶ୍ରୀ ଲେଙ୍କା, ଆଇନଜୀବୀ ସରୋଜ କୁମାର ସାହୁ, ଗ୍ରୀନ୍ ୱାଲର୍ଡ ଟ୍ରଷ୍ଟର ଅଧକ୍ଷ ନୃପେଶ କୁମାର ନାୟକ। ଏହାକୁ ପରିଚାଳନା କରିଥିଲେ ଡ. ଲିଙ୍ଗରାଜ ସାହୁ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ପ୍ରାଧ୍ୟାପକ ସ୍ୱରାଜକେତନ ମଙ୍ଗରାଜଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ପ୍ରାଧ୍ୟାପକ ସ୍ୱର୍ଗତଃ ସ୍ୱରାଜ କେତନ ମଙ୍ଗରାଜଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ସ୍ଥାନୀୟ ପୌରସଂସ୍ଥା ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା, ଡଃ. ସେକ ସମସୁର, ପ୍ରାଧ୍ୟାପକ ଡଃ. ସର୍ବେସ୍ୱର ସେଣ, ଅଧାପକ ଅଜୟ ରାଉତ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମଙ୍ଗରାଜଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧାପକ ତପନ କୁମାର ପତି ଓ କବି ତଥା ନାଟ୍ୟ କଳାକାର ଅଶୋକ କୁମାର ସାହୁଙ୍କୁ ସ୍ୱର୍ଗତଃ ସ୍ୱରାଜ କେତନ ମଙ୍ଗରାଜଙ୍କ ସ୍ମୃତି ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସଂସଦର ସମ୍ପାଦକ ସୁଶିଲ ସାମଲ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ପ୍ରଫୁଲ୍ଲ କୁମାର ଦାସ, କେଦାରନାଥ ସାମନ୍ତରାୟ, ବିପିନ ବିହାରୀ ବାରିକ, ଗୋପାଳକୃଷ୍ଣ ଜେନା, ଗୋଲେଖ ଚନ୍ଦ୍ର ପଡିଆରୀ, ଆଇନଜୀବୀ ପ୍ରଦିପ କୁମାର ଦାଶ, ସଞ୍ଜୟ ରାଉତ, ଉମାଶଙ୍କର ଜେନା,କବୟତ୍ରୀ ଅବନ୍ତୀ ବେହେରା, ସ୍ୱପ୍ନାଂଶୁ ଦାସ, ଶୈଳବାଳା ସାମଲ, ନୃସିଂହ ଚରଣ ତ୍ରିପାଠୀ, ପଣ୍ଡିତ ପ୍ରତାପ ପତି, ଉତ୍କଳ ମହାପାତ୍ର, ଦେବେନ୍ଦ୍ର ଦାସ, ବଳରାମ ଦାସ, ସୁଶ୍ରୀ ମମତା ବେହେରା, ବୈଷ୍ଣବ ସ୍ୱାଇଁ, ରଣଧୀର ଜେନା, ଗୋଲଖ ସେଠୀ ଓ ସ୍ୱର୍ଗତଃ ମଙ୍ଗରାଜଙ୍କ ଦୁଇପୁତ୍ର ଜିତେନ୍ଦ୍ର କେତନ ମଙ୍ଗରାଜ ଓ ସାଇକିରଣ ମଙ୍ଗରାଜ, ଦୁଇ ପୁତ୍ରବଧୂ ଓ ନାତି, ନାତୁଣୀମାନେ ଯୋଗଦେଇ ସ୍ୱର୍ଗତଃ ମଙ୍ଗରାଜଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ମଧୁବାବୁଙ୍କୁ ଭାରତରତ୍ନ ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ଭୁବନେଶ୍ୱର (ପିଏନ୍): ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ସହିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା ଓ ଉତ୍କଳଗୌରବ ମଧୁସୂଦନଙ୍କ ନାମରେ ରେଳଗାଡି ପୁରୀଠାରୁ ନୂଆଁଦିଲ୍ଲୀ ପର୍ଯ୍ୟନ୍ତ ଚଲାଇବା ପାଇଁ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପାଞ୍ଚପୃଷ୍ଠା ସମ୍ବଳିତ ଦାବିପତ୍ରରେ ମଧୁବାବୁଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ, ଦେଶର ପ୍ରଥମ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ, ଜନସଂଘ ତଥା ଏବେର ଭାରତୀୟ ଜନତାଦଳର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଆଦି ବହୁ ବ୍ୟକ୍ତି କିପରି ଜାଣିଥିଲେ ଓ ସମ୍ମାନ ଦେଉଥିଲେ ଉଲ୍ଲେଖ ଅଛି। ଉତ୍କଳ ସମ୍ମିଳନୀର ଏହି ପ୍ରତିନିଧିମଣ୍ଡଳୀରେ ସମ୍ମିଳନୀର ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ର, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ଭୁବନେଶ୍ୱର ଶାଖା ସମ୍ପାଦକ ଅଶୋକ ମଲ୍ଲିକ ପ୍ରମୁଖ ହୋଟେଲ ମେ' ଫେୟାର କନ୍‌ଭେନସନ ହଲ ସମ୍ମୁଖରେ ଉପସ୍ଥିତ ରହି ଦେଶର ଗୃହମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଭା ଚୟନ ଶିବିର ପାଇଁ କେନ୍ଦ୍ରାପଡା ଜିଲ୍ଲାରୁ ୨୦ପ୍ରତିଭା ମନୋନିତ

କେନ୍ଦ୍ରାପଡ଼ା (ପିଏନ୍): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତ ଅଗଷ୍ଟ ମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଦୌଡକୁଦ, ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଫୁଟବଲ, ୧୬ ତାରିଖରେ ଖୋଖୋ ଏବଂ ୧୯ ଓ ୨୦ ତାରିଖରେ ଭଲିବଲ ପାଇଁ ରାଜ୍ୟସ୍ତରିୟ କ୍ରୀଡ଼ା ପ୍ରତିଭା ଶିବିର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଚୟନ ଶିବିର ପାଇଁ କେନ୍ଦ୍ରାପଡା ଜିଲ୍ଲାରୁ ୨୦ଜଣ ପ୍ରତିଯୋଗୀ ମନୋନିତ ହୋଇଛନ୍ତି। ମନୋନିତ ପ୍ରତିଯୋଗୀମାନେ ହେଉଛନ୍ତି ଦୌଡକୁଦ ପାଇଁ- ବିଶ୍ୱାସ ଶିବ ସୁନ୍ଦର, ଦେବୀପ୍ରସାଦ କାମିଲା, ଓମ୍ ପ୍ରକାଶ ଦାସ, ସାଇଅଚ୍ୟୁତ ନାୟକ, ସମ୍ଭବ ଓଝା, ସାର୍ଥକ କୁମାର ଦାସ, ଶୁଭମ କୁମାର ସ୍ୱାଇଁ, ସୂର୍ଯ୍ୟକାନ୍ତ ନାୟକ ଓ ଓମ୍ ପ୍ରକାଶ ନାୟକ। ଫୁଟବଲ ପାଇଁ- ଅଭିଶେକ ଖୁଣ୍ଟିଆ, ଆଦ୍ୟଜ୍ୟୋତି ସାମଲ, ବିଭୁଦତ୍ତ ନାୟକ, ଗିତେଶ କୁମାର ପାତ୍ର, ସୋମିଆ ସୋରେନ ଓ ସୁବାଶିସ ନାୟକ। ଖୋଖୋ ପାଇଁ- ଅବିନାଶ ସାମଲ, କୁଶାଗ୍ର ସିହ୍ନା ଓ ସୋୟା ଘଡେଇ। ଭଲିବଲ ପାଇଁ- ଜନଫ ବେଗମ ଓ ସିମନ ବେହେରା ମନୋନିତ ହୋଇଥିବାରୁ କେନ୍ଦ୍ରାପଡାର ଜିଲ୍ଲାପାଳ ଅମ୍ରିତ୍ ରିତୁରାଜ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଚନ୍ଦ୍ରରାଇଜରେ ଚନ୍ଦ୍ରଶେଖର: ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଭାଇ! ସମସ୍ତେ କହନ୍ତି ପରଲୋକରେ...ମହାନିଦ୍ରାରେ... କିନ୍ତୁ ଆପଣ ତ ଚନ୍ଦ୍ରରାଇଜରେ...କାରଣ ଆପଣ ଥିଲେ ଚନ୍ଦ୍ରମା ପରି ଶାନ୍ତ, ଶିଷ୍ଟ, ନମ୍ର-ଚନ୍ଦ୍ରର କିରଣ ପଡିଲେ ଯେମିତି ମଣିଷର ଓଠ କଣରେ ଭାସିଆସେ ଚେନାଏ ସନ୍ତୋଷଭରା ହସ ସେମିତି ଯେ କୌଣସି ମଣିଷକୁ ଦେଖିଲେ ସେ ଚିହ୍ନା ହୋଇଥାଉ କି ଅଚିହ୍ନା, ହୋଇଥାଉ ପଛେ ପର କି ଆପଣାର ସେମିତି ଆପଣଙ୍କ ଓଠରେ ଭାସିଆସେ ମୁଠାଏ ପରିପୂର୍ଣ୍ଣତାର ହସ। ପୂର୍ଣ୍ଣିମା ଚନ୍ଦ୍ରକୁ ଦେଖିଲେ ମହୋଦଧିର ଜଳରାଶି ଯେମିତି ସବୁ ଚନ୍ଦ୍ରଙ୍କ ପାଖକୁ ମାଡି ଯିବା ପାଇଁ ଆତୁର ହୁଅନ୍ତି, ସେମିତି ଆପଣ ମନୁଷ୍ୟକୁ ଦେଖିଲେ ତାଙ୍କୁ ଆଦରରେ କୋଳେଇ ନେବା ପାଇଁ ବ୍ୟାକୁଳ ହୋଇଉଠନ୍ତି। ଅମାବାସ୍ୟାରେ ଚନ୍ଦ୍ରଙ୍କୁ ନ ଦେଖିଲେ ଯେମିତି ସାରା ପ୍ରାଣୀଜଗତ ମାୟୁଷ ହୋଇଯାଆନ୍ତି ସେମିତି ଆପଣଙ୍କ ପାଖରେ ଲୋକମାନଙ୍କ ଗହଳ ଚହଳ ନ ହେଲେ ଆପଣଙ୍କ ମନ ବି ଫିକା ପଡିଯାଏ। କିନ୍ତୁ ଚନ୍ଦ୍ର ଭଳି କୋମଳ ହେଲେ ବି କାର୍ଯ୍ୟସିଦ୍ଧି ଓ ସଂପାଦନାରେ ଆପଣ ବହୁତ କଠୋର ଓ ଦୃଢମନା ଯେମିତି ସୂର୍ଯ୍ୟର ପ୍ରଖର କିରଣ ଚନ୍ଦ୍ରକୁ ଭେଦି ନ ପାରି ପୃଥିବୀକୁ ଅନ୍ଧକାର କରିଦିଏ ଠିକ୍ ସେମିତି ସୌଭାଗ୍ୟକ୍ରମେ ଆପଣଙ୍କୁ ଅତି ନିକଟରୁ ପାଇ ଏହାହିଁ ଉପଲବ୍ଧି କରିଛୁ। ଏତେସବୁ ବିବିଧତା ପାଇଁ ହୁଏତ ପରମ ପୂଜ୍ୟ ପିତା ୰ ରବିନ୍ଦ୍ର ନାଥ ପତି ଓ ପୂଜ୍ୟନୀୟା ମାତା ବସନ୍ତ ମଂଜରି ପତିଙ୍କ କୋଳରୁ ଜନ୍ମିତ ଆପଣଙ୍କ ଭଳି ଯୁଗଜନ୍ମାର କାଳଜୟୀ କଥା ସ୍ମରଣ ପୂର୍ବକ ଆପଣଙ୍କ ନାମକୁ ଚନ୍ଦ୍ରଶେଖର ବୋଲି ନାମିତ କରିଥିଲେ। ସତରେ... ଆପଣ ଥିଲେ ଏ ଜନମାନସ ଓ ଏ ସମାଜର ରାଜକୁମାର ଆଉ ଆଜି ଚନ୍ଦ୍ରରାଇଜର ରାଜକୁମାର। ଏ ବିଶାଳ ଜନଗହଳି ଭିତରେ ବାପିଭାଇ ଭାବେ ପରିଚିତ ଆପଣଙ୍କ ବିଶାଳ ହୃଦୟରେ ସ୍ଥାନ ପାଇ ଆମ୍ଭେ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ପ୍ରତ୍ୟେକ ସଭ୍ୟ/ସଭ୍ୟା ନିଜକୁ ଧନ୍ୟ ମନେକରିବା ସହ ସମର୍ପିତ ଅଶ୍ରୁଳ ଶ୍ରଦ୍ଧାଂଜଳି ଜ୍ଞାପନ କରୁଛୁ। ଆପଣ ଥିଲେ ଜଣେ ଦରଦୀ ହୃଦୟର ବନ୍ଧୁ, ଦୁଃଖୀରଙ୍କିଙ୍କ ପାଇଁ ଆପଣଙ୍କ ହୃଦୟ ସବୁବେଳେ କାନ୍ଦି ଉଠୁଥିଲା। ଓଡିଶା ଶିକ୍ଷା ଆକାଶର ଏକ ଉଜ୍ଜ୍ୱଳତମ ଆଲୋକବର୍ତ୍ତିକା ଭାବେ କାହିଁ କେଉଁ ଆବହମାନ କାଳରୁ ଭେଙ୍କଟେଶ୍ୱର ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାର ପ୍ରଚାର ପ୍ରସାର କରି ଆପଣ ଜନମାନସରେ ଏକ ପ୍ରତିଛବି ପାଲଟି ଯାଇଥିଲେ। ସବୁଜ ଓ ସବୁଜିମା ଜୀବନ ଆଧାରର ମୂଳ ମନ୍ତ୍ର ବୋଲି ଆପଣଙ୍କ କର୍ଣ୍ଣଗହ୍ୱରରେ କେବେଠାରୁ ଗୁଂଜରିତ ହୋଇ ପ୍ରେରଣା ପରି ଏକ ଅନୁଷ୍ଠାନ ମାଧ୍ୟମରେ ତାହା ପ୍ରତିଫଳିତ ହୋଇ ଓଡିଶାକୁ ସବୁଜିମା କରିବାରେ ଆପଣଙ୍କର ଅବଦାନ ଥିଲା ଅତୁଳନୀୟ। ସମୟର ବାଧ୍ୟବାଧକତାରେ ରାଜନୀତିକୁ ପ୍ରବେଶ କରି ମଧ୍ୟ ପ୍ରତ୍ୟକ୍ଷ ରାଜନୀତିଠାରୁ ଦୂରରେ ରହି ସେବା ମନୋବୃତ୍ତିକୁ ଆପଣାଇ ଆପଣ କଂଗ୍ରେସ ସେବା ଦଳରେ ଯୋଗଦେଇ ଅନେକ ମେଧାବୀ ଛାତ୍ରଛାତ୍ରୀ ତଥା ମାଟିର ଉଜ୍ଜ୍ୱଳ ସନ୍ତାନମାନଙ୍କୁ ଉତ୍ସାହିତ କରି ଆସୁଥିଲେ। କାଗଜ ଆଉ ସ୍ତମ୍ଭର ଅଭାବ ରହିବ ଆପଣଙ୍କର କୀର୍ତ୍ତିମାନକୁ କଲମ ମୁନରେ ତୋଳି ଧରିବା ପାଇଁ। କିନ୍ତୁ ଗୋଟିଏ କଥା ନିଶ୍ଚିତ ଲେଖିବି ଏ ସବୁ ସହିତ ଆପଣ ଥିଲେ ସ୍ୱର, ତାଳ, ଲୟ ଓ ମୂର୍ଚ୍ଛନାର ଏକ ମୂର୍ତ୍ତିମନ୍ତ ପ୍ରତୀକ...ଏକ ନିଆରା ସାରସ୍ୱତ ସାଧକ। ସମାଜସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ୧୯୯୪ ମସିହାରେ ବ୍ରତୀ କରିଥିବା ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ଯେତେବେଳେ ଏହାର ଅବସ୍ଥିତି ପାଇଁ ସହଯୋଗ ତଥା ଉତ୍ସାହର ହାତ ଖୋଜୁଥିଲା ସେତେବେଳେ ଆପଣ ଖୋଲି ଦେଇଥିଲେ ଆପଣଙ୍କ ଭିତରେ ଲୁଚି ରହିଥିବା ଆଉ ଏକ ପ୍ରତିଭା କଳା ଓ ସଂସ୍କୃତିର ପ୍ରଚାର ପ୍ରସାରର ଦ୍ୱାର। ସେହି କଳା ଓ ସଂସ୍କୃତି ପାଇଁ ଆପଣଙ୍କ ନିଷ୍କପଟ ହୃଦୟ ତଥା ସ୍ୱାଭିମାନୀ ଭାବକୁ ଦେଖି ଭେଙ୍କଟେଶ୍ୱର ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ତ୍ରିପାଠୀ, ସୁପୁତ୍ର ପ୍ରିନ୍ସ ଓ ସାହେବ, ସୁଯୋଗ୍ୟ ଭ୍ରାତୃଦ୍ୱୟ ଶଶାଙ୍କ ଓ ହିମାଂଶୁ ତଥା ପରିବାରବର୍ଗଙ୍କ ପାଖରୁ ନେଇ ସମସ୍ତ କର୍ମଚାରୀ ଉତ୍ସାହ ଓ ସାହସ ପ୍ରଦାନ କରିଥିଲେ। ସତେ ଯେମିତି ସେ ବିଦ୍ୟାଳୟ ପାଲଟି ଯାଇଥିଲା ଏ ସାଂସ୍କୃତିକ ଅନୁଷ୍ଠାନର ଏକ ନିଜସ୍ୱ ପରିବାର। ବିଦ୍ୟାଳୟର ସଦାସର୍ବଦା ଉନ୍ମୁକ୍ତ ଦ୍ୱାର ସହ ଶାରିରୀକ, ମାନସିକ, ଆର୍ଥିକ ସ୍ତର ତଥା ସର୍ବୋପରି ଏକ ବଡଭାଇର ସ୍ନେହ ଓ ଶ୍ରଦ୍ଧା ସହ ଅନୁଷ୍ଠାନ ଭୁବନେଶ୍ୱର ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ଗମନାଗମନର ସୁବ୍ୟବସ୍ଥା, ଖାଦ୍ୟପାନୀୟ, ନିରାପତ୍ତା ଇତ୍ୟାଦି ଇତ୍ୟାଦି... କହିହେଉନି କି ଆଜି ଲେଖି ବି ହେଉନି ଥିଲା ଆପଣଙ୍କ ଅତୁଳନୀୟ ଅବଦାନ। ଅନ୍ତରର କୋହ ବାରମ୍ବାର ପ୍ରତିଧ୍ୱନି କରୁଛି ଆଉ କିଛିଦିନ ରହିଯାଇନଥାନ୍ତେ କି ଆପଣ? ଏକ ଦିଗହରା ନାବିକ ପରି ଦୂର ଦିଗ୍‌ବଳୟରେ ଜୁଳୁଜୁଳୁ ହୋଇ ଜଳୁଥିବା ତାରାକୁ ଦେଖି ଆଜି ଏହି ଅନୁଷ୍ଠାନ ହତବାକ୍ ହୋଇଯାଇଛି - ଏହାର ଭବିଷ୍ୟତକୁ ନେଇ। କାହିଁ କେଉଁ ଅଜଣା ରାଇଜରୁ ନିର୍ଦ୍ଦେଶ ଆସୁଛି ସେତିକିରେ ରଖିବା ପାଇଁ; କାରଣ ଆପଣ ଛାଡିଯାଇଥିବା ମଧୁସ୍ପର୍ଶକୁ ଅନ୍ତରର ଗହନ ପ୍ରଦେଶରୁ ବାହାର କରିବା ପାଇଁ ଆହୁରି ଅନେକ ଚାତକ ପରି ଅନେଇ ବସିଛନ୍ତି। ପୁନଃଜନ୍ମ ଅଛି କି ନାହିଁ ଆମେ କହି ପାରିବା ନାହିଁ... ଯଦି ଅଛି ତେବେ ଆପଣଙ୍କୁ ପୁଣି ଆମ ପାଖକୁ ଆସିବାକୁ ପଡିବ ବାପି ଭାଇ!! ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ପ୍ରତ୍ୟେକ ସଭ୍ୟ ଆପଣଙ୍କ ଅବଦାନକୁ ଏହି ଅବସରରେ ମଥାନତ ସ୍ୱୀକାର କରି ମହାନ ଆତ୍ମାର ସଦ୍‌ଗତି କାମନା କରିବା ସହ ଅନ୍ୟ ଏକ ରୂପରେ ଆମ ନିକଟକୁ ଫେରିଆସି ଆମର ମାର୍ଗଦର୍ଶକ ହୋଇ ରହିବାକୁ ନିବେଦନ କରୁଛନ୍ତି।




# ‘ହର ଘର ତ୍ରିରଙ୍ଗା’ ଅଭିଯାନ ପାଇଁ ବିଜେପିର ପ୍ରସ୍ତୁତି ବୈଠକ



ବାଲେଶ୍ୱର (ପିଏନ୍)- ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଜାତି, ଧର୍ମ ଓ ଦଳ ମତ ନିର୍ବିଶେଷରେ ଆସନ୍ତା ଅଗଷ୍ଟ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ପାଇଁ ଦେଶବାସୀଙ୍କୁ ଅପିଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଶୁକ୍ରବାର ଜେଲ ରୋଡ ସ୍ଥିତ ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଜାତୀୟ ପତାକା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ। ଏଥିସହ ଏହା ସମସ୍ତ ଭାରତୀୟଙ୍କ ଆଶା ଓ ଆକାଂକ୍ଷାକୁ ପ୍ରଦର୍ଶିତ କରେ। ତ୍ରିରଙ୍ଗାର ଶକ୍ତି ୧୩୦ କୋଟି ଭାରତୀୟଙ୍କୁ ଏକଜୁଟ କରିଛି। ହର ଘର ତ୍ରିରଙ୍ଗା ଅଭିଯାନ ସମସ୍ତ ମହାପୁରୁଷଙ୍କ ପ୍ରତି ଏକ ଅନନ୍ୟ ଶ୍ରଦ୍ଧାଞ୍ଜଳୀ ଯେଉଁମାନେ ଦେଶମାତୃକାର ସେବା ପାଇଁ ନିଜର ସର୍ବସ୍ୱ ଅର୍ପଣ କରିଛନ୍ତି। ହର ଘର ତ୍ରିରଙ୍ଗା ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବା ସହ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଅଛି। ସେଥିପାଇଁ ଅଗଷ୍ଟ ୯ରୁ ବିଭିନ୍ନ ହାଟ ବଜାର, ୱାର୍ଡ ଗ୍ରାମରେ ପ୍ରଭାତ ଫେରୀ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୩ରୁ ୧୫ ଅଗଷ୍ଟ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ଦେଶରେ ୨୦ କୋଟିରୁ ଉର୍ଦ୍ଧ୍ୱ ପରିବାରଙ୍କର ଘର ଉପରେ ଜାତୀୟ ପତାକା ଉଡାଇବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ସମସ୍ତ ସରକାରୀ ଭବନ, ସରକାରୀ କର୍ମଚାରୀ ନିବାସ, ପୋଲିସ ଷ୍ଟେସନ, ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଆବାସୀୟ ସଂଘ, ଯୁବ ସଂଗଠନ ତଥା ଅନ୍ୟ ସାମାଜିକ ସଂସ୍ଥାମାନଙ୍କର କାର୍ଯ୍ୟାଳୟ ଉପରେ ମଧ୍ୟ ରାଷ୍ଟ୍ରୀୟ ଧ୍ୱଜ ଉଡିବ। ତେଣୁ ସମସ୍ତେ ଦେଶଭକ୍ତିର ଭାବନାରେ ହର ଘର ତ୍ରିରଙ୍ଗା ଅଭିଯାନରେ ଓତପ୍ରୋତଃ ଭାବେ ସାମିଲ ହୋଇ ଅଗଷ୍ଟ ୧୩ରୁ ୧୫ ଯାଏଁ ଉତ୍ସାହର ସହ ନିଜ ଘରେ ଜାତୀୟ ପତାକା ଲଗାଇବା ଏବଂ ଜାତୀୟ ଏକତା, ଶାନ୍ତି ଓ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିବା ସହ ଅଭିଯାନକୁ ସଫଳ କରିବା ପାଇଁ ସଦର ନେତା ମାନସ ଦତ୍ତ ନିବେଦନ କରିଛନ୍ତି। ଏହି ଅଭିଯାନକୁ ସଂଯୋଜକ ଭାବେ ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ ଏବଂ ସହ ସଂଯୋଜକ ଭାବେ କାଉନସିଲର ରୋଜାଲିନ ପାଣି ଓ ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅରୁପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସୁଷମା ବିଶ୍ୱାଳ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ବରିଷ୍ଠ ଆଇନଜୀବୀ ବୈଲୋଚନ ଦାଶ ଓ ବିଜୟ ପାଣିଗ୍ରାହୀ, ଲକ୍ଷ୍ମୀଧର ବେହେରା, କାଉନସିଲର ସସ୍ମିତା ନାଥ, ନିତ୍ୟଗୋପାଳ ସିଂ, ସୁଜିତ ଦେବ, ଉପେନ୍ଦ୍ରନାଥ ଶତପଥୀ, ବିଭୁପଦ ଦାସ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ବିବେକାନନ୍ଦ ରାଉତ, ବଳରାମ ପାତ୍ର, ସର୍ବେଶ୍ୱର ପାତ୍ର, ବିକାଶ ପାଢୀ, ହରେନ୍ଦ୍ର ପ୍ରଧାନ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, ଚିତ୍ତରଞ୍ଜନ ଦତ୍ତ, ଅନନ୍ତ ଚାନ୍ଦ, ଶ୍ରୀୟା ଦାସ, ସୁସ୍ମିତା ସୁକ୍ଲା, ସସ୍ମିତା ଦାଶ, ମଧୁଶ୍ରୀ ପଣ୍ଡା, ସ୍ୱର୍ଣ୍ଣପ୍ରିୟା ନାଥ, ପବନ କମିଲା, ନିତିନ ଦାସ, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, ପ୍ରତାପ ପ୍ରଧାନ, ଦୁର୍ଗା ପ୍ରଧାନ, ସରୋଜ ହାଜରା, ସୌଭାଗ୍ୟମାନସ ନାୟକ, ସଞ୍ଜୀବ ପ୍ରଧାନ, ଆଶାଲତା ବାଡି, ଅଶୋକ ଦାସ, ପବନ ସିଂହ, ସେଖ ହଲିମ, ରାଜୁ ହେମ୍ବ୍ରମ, ପ୍ରହଲ୍ଲାଦ ଦାସ, ଅନିଲ ମହାନ୍ତି, ସିଦ୍ଧାର୍ଥ ଦାସ, ଅଭିରାମ ଅଧିକାରୀ, ଶକ୍ତିଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜାଦିକା ଅମୃତ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

କୋଣାର୍କ (ପିଏନ୍)- ଭାରତ ସ୍ୱାଧିନତାର ୭୫ବର୍ଷ ପୂର୍ତ୍ତି ଅବସରରେ ୨୦୨୧ ଅଗଷ୍ଟ ୧୫ରୁ ୨୦୨୨ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଦେଶବାସୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛନ୍ତି। ଚଳିତ ବର୍ଷ ୭୬ତମ ସ୍ୱାଧିନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ହର ଘର ତ୍ରିରଙ୍ଗାର ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ଫେସବୁକ, ହ୍ୱାଟସାପ, ଇନଷ୍ଟାଗ୍ରାମ ଟୁଇଟର ବ୍ୟବହାରକାରୀ ନିଜ ନିଜ ପ୍ରୋଫାଇଲରେ ଅଗଷ୍ଟ ୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ପତ୍ତାକାକୁ ରଖିପାରିବେ। ଅଗଷ୍ଟ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ୱାଧିନତା ସପ୍ତାହ ରୂପେ ପାଳନ କରାଯିବ। ଏହି ୭ଦିନ ପ୍ରତ୍ୟେକ ଦେଶବାସୀ ନିଜ ନିଜ ଘର ଓ ସରକାରୀ ତଥା ବେସରକାରୀ ସଂସ୍ଥାର କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତ୍ତାକା ତ୍ରିରଙ୍ଗାକୁ ଉଡାଇବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିପାଇଁ ଜାତୀୟ ପତ୍ତାକା ଆଇନକୁ କୋହଳ କରାଯାଇଛି। ଯେପରିକି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ଅଗଷ୍ଟ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ଜାତୀୟ ପତ୍ତାକା ଉଡାଇପାରିବେ। ୧୭ ତାରିଖ ସନ୍ଧ୍ୟାରେ ଅବତରଣ କରିବେ। ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନକୁ ବ୍ୟାପକ କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ଅଗଷ୍ଟ ୯ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୭୫ ପ୍ରକାରର ଜାତୀୟ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସହୀଦମାନଙ୍କ ଉଦ୍ଦେଶ୍ୟରେ ୭୫ଟି ଦୀପଦାନ, ୭୫ଜଣଙ୍କୁ ନେଇ ପଦଯାତ୍ରା, କୁଶଭଦ୍ରା ନଦୀର ସଙ୍ଗମ ସ୍ଥଳରେ ୭୫ଟି ବୋଟରେ ଜାତୀୟ ପତାକା ପ୍ରଦର୍ଶନୀ, ବିଭିନ୍ନ ସ୍ଥାନରେ ୭୫ଟି ବୃକ୍ଷରୋପଣ, ୭୫ଟି ସ୍ଥାନରେ ସଫେଇ ଏବଂ ହର ଘର ସଫେଇ, ସ୍ୱାଧିନତା ସଂଗ୍ରାମୀଙ୍କ ବେଶରେ ୭୫ଜଣ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା, ୭୫ ଜଣଙ୍କୁ ନେଇ ଯୋଗ ପ୍ରଦର୍ଶନୀ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ, ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ, ପ୍ରଜାପିତା ବ୍ରହ୍ମ କୁମାରୀ କୋଣାର୍କ ସେବା କେନ୍ଦ୍ର ପକ୍ଷରୁ ଆଧାତ୍ମିକ ଧ୍ୟାନ, ଟାଇକୋଣ୍ଡ, ୭୫ଟି ବୃକ୍ଷରେ ରାକ୍ଷୀ ବନ୍ଧନ, ସଂଗୀତ, ଚିତ୍ରାଙ୍କନ ଓ ଝୋଟି ଚିତା ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମର ବିବରଣୀ ରେଡିଓ ନମସ୍କାରରେ ୭୫ ଘଣ୍ଟା ଧରି ପ୍ରସାରଣ କରାଯିବ। ଏଥିପାଇଁ ଗତ ରବିବାର ଅପରାହ୍ନରେ ଅର୍କଶ୍ରୀ ଶିଳ୍ପୀବାଟିକା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ନିକଟସ୍ଥ ଅଞ୍ଚଳର ୭୫ଟି ସଂଗଠନର ପଦାଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ। ରାଜ୍ୟ ସରକାରଙ୍କ କୋଭିଡ-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରାଯାଇ ଏହି କାର୍ଯ୍ୟକ୍ରମ ସଂଚାଳନ କରାଯିବ।

## ଚନ୍ଦ୍ରଭାଗା ବେଳାଭୂମିରୁ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର



କୋଣାର୍କ (ପିଏନ୍): ସୋମବାର ମଧ୍ୟାହ୍ନରେ ଚନ୍ଦ୍ରଭାଗା ବେଳାଭୂମୀରେ ଏକ ଅଜଣା ଯୁବକଙ୍କ ଶବ ଦେଖିବାକୁ ମିଳିଥିଲା। କୌଣସି ଏକ ସ୍ଥାନରେ ସମୁଦ୍ର ସ୍ନାନ କରୁଥିବା ଏହି ଯୁବକ ଜଣେ ସମୁଦ୍ରର ଅନ୍ତଃସ୍ରୋତରେ ଭାସିଆସି ପ୍ରାଣ ହରାଇଥିବା ଜଣାପଡିଛି। ମୃତ ଯୁବକଙ୍କ ଶବକୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ଉଦ୍ଧାର କରାଯାଇ ତଦନ୍ତ ଜାରିରହିଛି। ଖବର ଲୋଖା ହେବା ବେଳକୁ ଯୁବକଙ୍କର ପରିଚୟ ମିଳି ପାରି ନାହିଁ।

# ଶ୍ରୀକ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଆସିଲା ତିନି ଦିଅଁଙ୍କ ପାଇଁ ପାଟ ରାକ୍ଷୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାକୁ ଶ୍ରୀକ୍ଷେତ୍ର ପୁରୀରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ତୁଳସୀ କ୍ଷେତ୍ରର ଆରଧ୍ୟ ପ୍ରଭୁ ତଥା ବଡଭାଇ ଶ୍ରୀବଳଦେବଜୀଉଙ୍କ ପାଖକୁ ଆସିଛି ପାଟରାକ୍ଷୀ। ଭଉଣୀ ସୁଭଦ୍ରାଙ୍କ ପକ୍ଷରୁ ତୁଳସୀକ୍ଷେତ୍ରର ବଡଠାକୁର ତଥା ବଡଭାଇ ଶ୍ରବଳଦେବଜୀଉଙ୍କ ପାଇଁ ଆସିଛି ପାଟରାକ୍ଷୀ। ପୁରୀ ଶ୍ରୀମନ୍ଦିରର ମା’ ସୁଭଦ୍ରାଙ୍କ ବାଡଗ୍ରାହୀ ତଥା ଅନ୍ତର୍ଜାତୀୟ ପାଟରା ବିକାଶ ପରିଷଦର ସଭାପତି ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୩ଟି ରାକ୍ଷୀ ସହ କେନ୍ଦ୍ରାପଡାର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ଏହି ପ୍ରତିନିଧିଦଳଙ୍କୁ ୨ଟି ଗାଡିରେ ସଂକୀର୍ତ୍ତନ ମଣ୍ଡଳୀ ଓ ଶ୍ରୀଜୀଉଙ୍କ ଶ୍ରଦ୍ଧାଳୁମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ଯାତ୍ରୀନିବାସକୁ ପାଛୋଟି ନେଇଥିଲେ। ତିନିମୁହାଣୀରୁ କେନ୍ଦ୍ରାପଡା ସହର ମଧ ଦେଇ ଏହି ଶୋଭାଯାତ୍ରା ଯିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଏହି ରାକ୍ଷୀକୁ ଦର୍ଶନ କରିବା ପାଇଁ ଛିଡା ହୋଇଥିବା



ଶତାଧିକ ଶ୍ରଦ୍ଧାଳୁ, ଭକ୍ତ ଓ ଜନତାଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଉଠୁଥିଲା ସାରା ସହର। ସନ୍ଧ୍ୟାରେ ଯାତ୍ରୀ ନିବାସରୁ ସେହି ରାକ୍ଷୀକୁ ଶ୍ରୀବଳଦେବଜୀୟୁଙ୍କ ମନ୍ଦିରକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ମନ୍ଦିର ବାହାରେ ଟ୍ରଷ୍ଟବୋର୍ଡର ସଭ୍ୟ ଏବଂ ମନ୍ଦିର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ଜୀଉଙ୍କ ମନ୍ଦିର ବଡ ପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ରାକ୍ଷୀ ତିନୋଟିକୁ ହସ୍ତାନ୍ତର କରାଯାଇ ସେହି ରାକ୍ଷୀ ଗୁଡିକୁ ମନ୍ଦିର ଭଣ୍ଡାର ଗୃହରେ ରଖାଯାଇଥିଲା। ଆସନ୍ତ ଗହ୍ମାପୂର୍ଣ୍ଣିମାରେ ଶ୍ରୀ ବଳଦେବଜୀଉଙ୍କ ଜନ୍ମ ଦିବସ ତଥା ରାକ୍ଷୀ ପୂର୍ଣ୍ଣିମା ଅବସରରେ ଶ୍ରୀ ଜୀଉମାନଙ୍କୁ ରାକ୍ଷୀ ଗୁଡିକ ପିନ୍ଧାଇ ଦିଆଯିବ। ଉକ୍ତ ପାଟରାକ୍ଷୀ ହସ୍ତାନ୍ତର ପାଇଁ ଆସିଥିବା ପ୍ରତିନିଧିଙ୍କ ମଧ୍ୟରେ ଗରାବଡୁ ସେବାୟତ ରବିନାରାୟଣ ମହାପାତ୍ର, ସର୍ବ ଭାରତୀୟ ପାଟରା ବିକାଶ ପରିଷଦ ସଭାପତି ଦୁର୍ଯ୍ୟୋଧନ ସାହୁ, ଉପଦେଷ୍ଟା ଆଶୀଷ କୁମାର ସାହୁ, ମାନସ ରଞ୍ଜନ ଦଳାଇ, ସରୋଜ କୁମାର ପାତ୍ର, କାର୍ଯ୍ୟକ୍ରମର ପୃଷ୍ଟପୋଷକ ସୁରେଶ କୁମାର ପାଣିଗ୍ରାହୀ, ଶୁଭେନ୍ଦୁ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ପୌରାଧକ୍ଷା ସରିତା ସାହୁ, ସମବାୟବିତ ପ୍ରମୋଦ ସାହୁ, କାଉନସିଲର କାଳି ପ୍ରସାଦ ମିଶ୍ର, ଟ୍ରଷ୍ଟବୋର୍ଡ ସଭ୍ୟ ରଞ୍ଜନ କୁମାର ପୃଷ୍ଟି, ଯଯାତି କେଶରୀ ମହାନ୍ତି,ଶକ୍ତିକାନ୍ତ ପାତ୍ର, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଓ ମନ୍ଦିରର ସେବାୟତମାନେ ଉପସ୍ଥିତଥିଲେ।


## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ବନ୍ଧୁତା ଦିବସରେ ଗଙ୍ଗୁଆ ବନ୍ଧରେ ୩ଶହ ଚାରା ରୋପଣ



ଭୁବନେଶ୍ୱର (ପିଏନ୍): ଆମ ପାଇଁ ପରିବେଶକୁ ସୁସ୍ଥ ରଖୁଥିବାରୁ ବୃକ୍ଷ ହିଁ ପ୍ରକୃତ ବନ୍ଧୁ। ବନ୍ଧୁତା ଦିବସକୁ ସ୍ମରଣୀୟ କରିବା ପାଇଁ ରାଜଧାନୀ ଉପକଣ୍ଠ ପଳାଶପୁର ନିକଟ ଗଙ୍ଗୁଆ ବନ୍ଧରେ ୩୦୦ ବୃକ୍ଷ ଚାରା ରୋପଣ କରାଯାଇଛି। ଆଂଚଳିକ ବିକାଶ ପରିଷଦ ଓ ସମ୍ବାଦ ସାହତ୍ୟ ଘର ମିଳିତ ଅନୁକୁଲ୍ୟରେ ବହୁ ଯୁବକ ସାମିଲ ହୋଇ ଚାରା ରୋପଣ କରିଥିଲେ। ଏହାକୁ ସଂଯୋଜନା କରିଥିଲେ ଲିଙ୍ଗରାଜ ସାହୁ। ଚାରାଗୁଡ଼ିକ ବଂଚି ରହିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏହାକୁ ପରିଚାଳନା କରିଥିଲେ ଆଂଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ତଥା ସାହିତ୍ୟକ ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ କୁମାର ପୁରୋହିତ, ବରିଷ୍ଠ ସଭ୍ୟ ଜ୍ଞାନରଞ୍ଜନ ଦାଶ, ପ୍ରଶାନ୍ତ ମିଶ୍ର, ଜିତେନ୍ଦ୍ର ଜେନା, ବୈଶାଳିନୀ ପଟ୍ଟନାୟକ, ଭୁବନାନନ୍ଦ ବେହେରା, ସୁମନ୍ତ ସୁବୁଦ୍ଧି, ଲକ୍ଷ୍ମୀଧର ପ୍ରଧାନ, ଲିଙ୍ଗରାଜ ଜେନା, ବସନ୍ତ ମହାରଣା, ତପନ ସାମନ୍ତରାୟ, ଶରତ ବିଶ୍ୱାଳ, ରିତେନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବରାଜ ବେହେରା, ଇନ୍ଦ୍ରମଣି ମହାରଣା, ଜନ୍ମେଶ୍ୱର ପ୍ରଧାନ, ରଘୁନାଥ ସ୍ୱାଇଁ, ସତ୍ୟସୁନ୍ଦର ଦାଶ, ନାରାୟଣ ଦାଶ, ଅମିନ ଭୋଇ, ସୁକାନ୍ତ ଭୋଇ ଓ ଅନ୍ୟ ସଦସ୍ୟବୃନ୍ଦ।

# ଭଲ ମଣିଷ ହୋଇ ଓଡିଆ ଜାତିକୁ ଗୌରବାନ୍ୱିତ କର !

## —ମାଟ୍ରିକ ମେଧା ସମ୍ମାନ-୨୦୨୨—




କୋଣାର୍କ (ପିଏନ୍): ମାଟ୍ରିକ ତଥା ଉଚ୍ଚତର ଶିକ୍ଷା କ୍ଷେତ୍ରରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଯିବା ଜୀବନର ସଫଳତା ନୁହେଁ। ଉଚ୍ଚ ପଦବୀ ତଥା କ୍ଷମତାସଂପନ୍ନ ବ୍ୟକ୍ତି ଭାବରେ ବିପୁଳ ଅର୍ଥ ଉପାର୍ଜନର ସୁଯୋଗ ଲାଭ କରିବା ମଧ୍ୟ ଜୀବନର ସଫଳତା ନୁହେଁ। ଶିକ୍ଷାର ମହତ୍ ଉଦ୍ଦେଶ୍ୟକୁ ଚରିତାର୍ଥ କର ଏବଂ ଭଲ ମଣିଷ ହୋଇ ଓଡିଆ ଜାତିକୁ ଗୌରବାନ୍ୱିତ କର” ବୋଲି କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ମାଟ୍ରିକ ମେଧା ସମ୍ମାନ - ୨୦୨୨ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଛନ୍ତି। ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କରୁଥିବା ସାହିତ୍ୟାନୁଷ୍ଠାନ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ରବିବାର ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ମାଟ୍ରିକ ମେଧା ସମ୍ମାନ- ୨୦୨୨ ଆୟୋଜିତ ହୋଇଯାଇଛି। କୋଣାର୍କ ସାହିତ୍ୟ ସଂସଦର ଉପଦେଷ୍ଟା ପ୍ରଫେସର ଗୋପିନାଥ କର ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ମୁଖ୍ୟ ଅତିଥି, ମଙ୍ଗଳା ସାହିତ୍ୟ ସଂସଦର ସଭାପତି ସ୍ୱପ୍ନେଶ୍ୱର ସାହୁ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ପୁରୀ ସବରେଜିଷ୍ଟ୍ରାର ପ୍ରଭାତ କୁମାର ତରାଇ, ମଙ୍ଗଳା ମନ୍ଦିର ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସଚନ୍ଦ୍ର ଦାଶ, ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ରତନପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଂଜନ ପରିଡା, ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ ଶାହ ଅନସାରୀ ଓ ସମାଜସେବୀ ନିରଂଜନ ସାହୁ ପ୍ରମୁଖ ଯୋଗଦେଇ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ମାଟ୍ରିକ ପାସ କରିଥିବା ୨୫ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ଭବିଷ୍ୟତ ଜୀବନର ସଫଳତା କାମନା କରିଥିଲେ। କୋଣାର୍କ ଏନ୍ଏସି ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୫ଜଣ ଛାତ୍ରଛାତ୍ରୀଙ୍କ ସମେତ କୋଣାର୍କ ହାଇସ୍କୁଲ, ସରକାରୀ ହାଇସ୍କୁଲ, ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, କୋଣାର୍କ ବାଳିକା ଉଚ୍ଚ ବିଦ୍ୟାଳୟ, ବଟେଶ୍ୱର ନୋଡାଲ ହାଇସ୍କୁଲ, ରୁଦ୍ରାଣୀ ହାଇସ୍କୁଲ, କୋଟିଲେଶ୍ୱର ହାଇସ୍କୁଲ, ଏ.କେ.ବିଦ୍ୟାପୀଠ ଓ ଦଶବାଟିଆ ହାଇସ୍କୁଲର ୨୫ଜଣ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କର ପ୍ରଧାନଶିକ୍ଷକମାନଙ୍କୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଉତ୍ତରୀୟ, ମାନପତ୍ର, ପଦକ ଓ ପାଠ୍ୟ ଉପକରଣ କିଟ୍ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। କୋନାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମାଜସେବୀ ରାମକୃଷ୍ଣ ମହାନ୍ତି ସଭା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ କବି ଚିତ୍ତରଂଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ନିରଂଜନ ତ୍ରିପାଠୀ, ଶିକ୍ଷକ ପ୍ରଦୀପ ପ୍ରଧାନ, ସାମ୍ବାଦିକ ଅଜିତ୍ ମଲ୍ଲିକ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁପତ୍ରିକା ବାନରସେନାର ସ୍ୱାଧୀନତା ଦିବସ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ପୂର୍ବତନ ସାଧାରଣ ସଂପାଦିକା ଶ୍ରୀମତୀ ପୁଷ୍ପିତା ଜେନାଙ୍କ ବିୟୋଗରେ ପ୍ରଦେଶ ମହିଳା କଂଗ୍ରେସର ଶୋକ

ଭୁବନେଶ୍ୱର (ପିଏନ୍)- ପୂର୍ବତନ ସାଧାରଣ ସଂପାଦିକା ୰ ପୁଷ୍ପିତା ଜେନାଙ୍କ ବିୟୋଗରେ ପ୍ରଦେଶ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀମତୀ ପରିଡ଼ା ଶୋକବାର୍ତ୍ତାରେ କହିଛନ୍ତି ସ୍ୱର୍ଗତା ଜେନା କଂଗ୍ରେସ ଦଳରେ ରହି କଂଗ୍ରେସ ଦଳକୁ ସୁ ସଂଗଠିତ କରିବାପାଇଁ ଚେଷ୍ଟା କରିଥିଲେ। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳପାଇଁ ଅପୁରଣୀୟ କ୍ଷତି। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ସ୍ନେହୀ ସମାଜସେବୀ ଭାବେ ସ୍ମରଣୀୟ ହୋଇ ରହିବେ। ସ୍ୱର୍ଗତ ଜେନା ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ଶ୍ରୀମତୀ ପରିଡ଼ା। ଏହି ଶ୍ରଦ୍ଧାଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ସାହୁ, ପ୍ରଣତୀ ମିଶ୍ର, ବିଣାପାଣୀ ସାମଲ, ରଶ୍ମି ମହାପାତ୍ର, ପ୍ରତିମା ମଲ୍ଲିକ, ସ୍ୱାଧୀନବାଳା ଦାସ, ସବିତା ଧିର, ଶ୍ରିୟାସ୍ମିତା ପଣ୍ଡା, ଜାନକୀ ମଲ୍ଲିକ, ସ୍ନେହଲତା ରାୟ, ଗୀତାଳି ମହାଁ, ପ୍ରଭାବିତ ପଟ୍ଟନାୟକ, ମୁଣ୍ଡୀ କଳ୍ପନା ରାଉତରାୟ, ଲଳିତା ସାହୁ, ଉର୍ବଶ୍ରୀ ମିଶ୍ର, ଅରୁଣଧ୍ୱତି ପରିଡ଼ା, ନିର୍ମଳା ମଲ୍ଲିକ, ଆରତୀ ସ୍ୱାଇଁ, ଶ୍ରୀୟା ମହାଁ, ଲକ୍ଷ୍ମିପ୍ରିୟା ଦାସ, ଅର୍ନ୍ନପୂର୍ଣ୍ଣା ତରାଇ, ପ୍ରମିଳା ସାହୁ, ମଧୁସ୍ମିତା ଆଚାର୍ଯ୍ୟ, ଶୁଭଦ୍ରା ମିଶ୍ର, ଜୟଶ୍ରୀ ପାତ୍ର, ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।




# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି, (ପି.ଏନ): କୁଡୁମୁଲୁଗୁମ୍ମା ଶିକ୍ଷା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ମାଲକାନଗିରି ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ନୋଡାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଡୁମୁଲୁଗୁମ୍ମାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରକ ମଣ୍ଡଳ, ଉପ ସଭାପତି କେଶବ ବେହେରା, ସାଧାରଣ ସଂପାଦକ ଦାମୋଦର ସାହୁ, ସହ ସଂପାଦକ ଦୟାଲ ବୈରାଗୀ, କୋଷାଧ୍ୟକ୍ଷ ଚିତରଞ୍ଜନ ସରକାର ଓ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ମାଲକାନଗିରିର ବରିଷ୍ଠ ଶିକ୍ଷାବିତ ତଥା ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗଦାନ କରିବା ସହ ମାଲକାନଗିରି ଜିଲ୍ଲାର ସାତୋଟି ବ୍ଲକର ସଭାପତି ଓ ସଂପାଦକ ଯୋଗଦାନ କରିଥିଲେ । ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, କୁଡୁମୁଲୁଗୁମ୍ମା ତରଫରୁ ସମସ୍ତ ନିମନ୍ତ୍ରିତ ଅତିଥି ଓ କର୍ମକର୍ତା ଓ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବ୍ଲକ ଶିକ୍ଷକ ସଂଘ ର ସଭାପତି ରମେଶ ଚନ୍ଦ୍ର ନେଲୁରୁ ଓ ସମ୍ପାଦକ ବଳରାମ ପୂଜାରୀ, ଉପ ସଭାପତି ତ୍ରିନାଥ ପାଳ,ଉପ ସଭାନେତ୍ରୀ ପ୍ରୀୟମ୍ବଦା ରାଉତ ,ସଂଗଠନ ସମ୍ପାଦକ ସୁଧାକର ନାୟକ, ବିଜୟ ଚୌଧୁରୀ, କର୍ଣ ଭତ୍ରା, ଡମ୍ବରୁ ଭତ୍ରା ଅତିଥି ଦେବୋ ଭବ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କ ପାଦ ଧୋଇଦେବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗୁରୁ ପୂଜନର ଏହି ନିଆରା ମୂହୁର୍ତ୍ତକୁ ସମସ୍ତେ ପ୍ରଶଂସା କରିବା ସହ ବୈଦିକ ଗୁରୁକୁଳ ପରମ୍ପରାକୁ ମନେ ପକାଇଥିଲେ । ଆଦିଭୂମି ମାଲକାନଗିରି ମାଟିର କଥା ଓ ବ୍ୟଥାକୁ ସାରସ୍ୱତ ସାଧନା ମାଧ୍ୟମରେ ଆଗକୁ ପରିବର୍ଧନ କରିଥିବାରୁ ବରିଷ୍ଠ ସାହିତ୍ୟିକ ତଥା କବି ବଳରାମ ପୂଜାରୀଙ୍କୁ ଇତ୍ୟ ବସରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ମାଲକାନଗିରି ତରଫରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଂଘର କର୍ମକର୍ତା ମାନେ ନିର୍ଦ୍ଧାରଣ ସବୁ ଆଲୋଚନା କରି ବିଭିନ୍ନ ଶିକ୍ଷକ ସମସ୍ୟା ଓ ଅଭାବ ଅସୁବିଧା ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ କରିଥିଲେ । ଶେଷରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାହିତ୍ୟିକ ତଥା ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ରମେଶ ଚନ୍ଦ୍ର ନେଲୁରୁଙ୍କୁ କୁଡୁମୁଲୁଗୁମ୍ମା ମାଟି ର କବି ତଥା ସାହିତ୍ୟିକ ଶ୍ରୀ ପୂଜାରୀ ସମ୍ବର୍ଦ୍ଧିତ କରିଥିଲେ ।ସମସ୍ତ ବୈଠକକୁ ଜିଲ୍ଲା ସାଧାରଣ ସମ୍ପାଦକ ଦାମୋଦର ସାହୁ ପରିଚାଳନା କରିବା ସହ ପୂର୍ବତନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ଲଘୁଚାପଜନିତ ବର୍ଷା ସତ୍ୱେ ସୁଦୂର କାଲିମେଳା, ପଡିଆ, ମାଲକାନଗିରି, ମାଥିଲି, ଖଇରପୁଟ, କୋରକୋଣ୍ଡା, କୁଡୁମୁଲୁଗୁମ୍ମାର ସମସ୍ତ କର୍ମକର୍ତା ଯୋଗଦାନ କରିଥିବାରୁ ବ୍ଲକ୍ ସମ୍ପାଦକ ଶ୍ରୀ ପୂଜାରୀ ସମସ୍ତ କର୍ମକର୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗୀରଥି ନେପାକ ସାହିତ୍ୟ ପରିକ୍ରମା -୨୦୨୨ ସମାରୋହ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିନନ୍ଦନ ସାହିତ୍ୟ ପରିଷଦ ପକ୍ଷରୁ ଡ. ରାଧାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଭାଗୀରଥି ନେପାକ ସାହିତ୍ୟ ପରିକ୍ରମା ୨୦୨୨ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ମର୍ଯ୍ୟଦାରେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ବରେଣ୍ୟ ଅତିଥି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସଂପାଦକ ଦିବାକର ହୋତା ମଂଚାସୀନ ଥିଲେ । ବାଗଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ଅତିଥିଗଣ ମାଲ୍ୟାର୍ପଣ କରିବା ପରେ ସଂଗଠନ ସଂପାଦକ ଧର୍ମବ୍ରତ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଲେଖିକା କସ୍ତୁରୀ ରଥ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିବୃନ୍ଦ ବିଶିଷ୍ଟ ନାଟ୍ୟକାର ଅବଦୁଲ ଜମାଲ ଖାନଙ୍କୁ "ଭାଗୀରଥି ନେପାକ ସାହିତ୍ୟ ସମ୍ମାନ"ରେ ସମ୍ମାନିତ କରିବା ସହିତ ପ୍ରବୀଣ ଶିକ୍ଷକ ଶିବ ପ୍ରସାଦ ଶତପଥିଙ୍କୁ "ଅଭିନନ୍ଦନ ସାହିତ୍ୟ ସମ୍ମାନ" ରେ ସମ୍ମାନିତ କରିଥିଲେ । ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ତମନ୍ନା ନାଏକ, ସୁଚିସ୍ମିତା ମାହାପାତ୍ର, ଜାଗୃତି ଶତପଥି, ପ୍ରିୟାଂଶି ଷଡଙ୍ଗୀ, ଖୁସି ଅଗ୍ରୱାଲ, ନୈତିକ ନୟନ ଦାଶ, କନକ ମଞ୍ଜରୀ ମହାନନ୍ଦ, ଓଁ ସାଇ ଅବତାର, ଆରତି କୁମାରୀ, ବିଶ୍ୱ ରଂଜନ ମୁଣ୍ଡା, ଶୃତି ଉଦ୍ଗାତା ପ୍ରମୁଖ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭ୍ୟ ମଦନ ମୋହନ ରଥ, ସାମାଜିକ କର୍ମୀ ଆକୁଳ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ।

## ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ଗଣତାନ୍ତ୍ରିକ ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଆମର ବିଶାଳ ସାଂସ୍କୃତିକ ଐତିହ୍ୟ, ନୈତିକ ମୂଲ୍ୟ, କୁ ବଜାୟ ରଖିବା ସହ ଦେଶର ଏକାତ୍ମତା ଓ ସାଂପ୍ରଦାୟିକ ସୌହାର୍ଦ୍ଦ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ବିନା ଭୟ ଓ ଅନୁଗ୍ରହରେ କର୍ତବ୍ୟ ସମ୍ପନ୍ନ କରୁ । କଟକରେ ପ୍ରଜାତନ୍ତ୍ରର ୭୫ତମ ପୂର୍ତି ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା କହିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଉଦବୋଧନରେ ଆଗକୁ କହିଥିଲେ, ଲୋକଙ୍କ ବିଶ୍ୱାସ ଭରସାରେ ଗଣମାଧ୍ୟମ ଚାଲିଛି । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ବାସ୍ତବିକ ସମସ୍ୟାକୁ ଗୁରୁତ୍ୱ ଗଣମାଧ୍ୟମ ଦେଉ । ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ । ବଳିଷ୍ଠ ଗଣତାନ୍ତ୍ରିକ ମୂଲ୍ୟବୋଧର ଦେଶ ହେଉଛି ଭାରତ । ଗଣମାଧ୍ୟମ ଲୋକଙ୍କ ସ୍ୱର ହୋଇଥିବାରୁ ଗଣତନ୍ତ୍ର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉ । ଏହି ଅବସରରେ ସ୍ୱାଧୀନତାସଂଗ୍ରାମୀଙ୍କୁ ପ୍ରଣାମ ଜଣାଇଲେ ନବୀନ । ଛାପା ଗଣମାଧ୍ୟମ ହେଉ କିମ୍ବା ବୈଦୁତିକ ଗଣମାଧ୍ୟମ ଦେଶର ସାଂସ୍କୃତିକ, ଐତିହ୍ୟ ଓ ନୈତିକତା ବଜାୟ ରଖି ଜାତୀୟ ଏକତା ଓ ସଂହତିକୁ ପ୍ରୋତ୍ସାହନ ଦେବା ହେଉଛି ଗଣମାଧ୍ୟମର ଦାୟିତ୍ୱ ।ଖବର କାଗଜ, ବୈଦ୍ୟୁତିକ ଗଣମାଧ୍ୟମ କିମ୍ବା ସୋସିଆଲ ମିଡିଆ ଧର୍ମ ନିରପେକ୍ଷତା ମାନସିକତା ରଖି କାମ କରିବା ଉଚିତ । ସ୍ୱାଧୀନତା ସଂଗ୍ରାମରେ ସତ୍ୟ ଓ ଅଂହିସା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସ୍ୱାଧୀନତାର ୭୫ ବର୍ଷ ଅବସରରେ ସମାଜରେ ସବୁ ସ୍ତରରେ ଏଭଳି ମୂଲ୍ୟବୋଧ ସୁରକ୍ଷା ପାଇଁ ସମସ୍ତଙ୍କୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ଦେବାଳୟ ସୁରକ୍ଷା କମିଟିର ୫ ଦଫା ଦାବିପତ୍ର ପ୍ରଦାନ

ବଲାଙ୍ଗିର,(ପି.ଏନ): ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ମାଁ ସମଲେଶ୍ୱରୀ ମନ୍ଦିର ଓ ମାଁ ପାଟଣେଶ୍ୱରୀ ମନ୍ଦିର ସାଜସଜ୍ଜା, ରଙ୍ଗ ଦେବା ଏବଂ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରାଯାଉ । ଉପ-ଜିଲ୍ଲାପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୋତର ବଲାଙ୍ଗିର କାର୍ଯ୍ୟାଳୟକୁ ଯାଇ ଦେବାଳୟ ସୁରକ୍ଷା କମିଟି ଏବଂ କୋଶଳ ସେନାର କର୍ମକର୍ତାମାନେ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ସମଲେଇଶ୍ୱରୀ ମନ୍ଦିର ର ଗୁମ୍ଜରେ ଫାଟ ସୃଷ୍ଟି ହୋଇ ପାଶ୍ୱର୍ ଦେବା ଦେବି ବିଗ୍ରହ ଫାଟ ସୃଷ୍ଟି ହୋଇଛି । ବଲାଙ୍ଗିର ମାଁ ପାଟଣେଶ୍ୱରୀ ଗମ୍ଭିର ଘରର ପାଣି ଝରୁଥିବା ବେଳେ ମାଁ ଙ୍କ ସିଂହାସନ ଫାଟ ସୃଷ୍ଟି ହେଲାଣି । ମାଁଙ୍କ ମକୁଟ ମଧ ଫାଟି ଯାଇଛି । ଏହା ଏକ ଅଶୁଭ ସଂକେତ ବୋଲି ବଲାଙ୍ଗିର ଭକ୍ତମାନେ ସୁଚାଉଛନ୍ତି । ତେଣୁ ଜିଲ୍ଲାର ଜନସାଧାରଣ ଧର୍ମ ଭାବନା ଓ ପ୍ରାଚୀନ ସଂସ୍କୃତି ଓ ପରଂପରା ରକ୍ଷା ପାଇଁ ଆମେ ପୁଣି ନିମ୍ନଲିଖିତ ଦାବି ଉପସ୍ଥାପନ କରିଛନ୍ତି । ମାଁ ସମଲେଶ୍ୱରୀ ମନ୍ଦିର ଗର୍ଭଗୃହ ଓ ବେଢା ଚାରିପାଶ୍ୱର୍ ଫାଟ ସୃଷ୍ଟି ହେଲାଣି । ନୁଆଁଖାଇ ପୂର୍ବରୁ ସମଲେଇ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ସ୍ୱତନ୍ତ୍ର ଭାବରେ ରଙ୍ଗ ଏବଂ ସାଜସଜ୍ଜା କରାଯାଉ । ମାଁ ପାଟଣେଶ୍ୱରୀ ମନ୍ଦିର ସିଂହାସନ ଏବେ ଫାଟ ସୃଷ୍ଟି ହେଉଛି ମାଁ ପାଟଣେଶ୍ୱରୀ ମନ୍ଦିର ରୋଷଇ ଶାଳା ନ ଥିବାରୁ ମନ୍ଦିର ପାଶ୍ୱର୍ରେ ରନ୍ଧା ହେଉଛି । ଅତି ଶିଘ୍ର ରୋଷଇ ଶାଳା ଓ ପାଣି ବ୍ୟବସ୍ଥା କରାଯାଉ । ଚାରି ପାଶ୍ୱର୍ ଝରକା କବାଟକୁ ଶିଘ୍ର ବଦଳାଯାଉ । ମାଁ ପାଟଣେଶ୍ୱରୀ ମନ୍ଦିର ନାଳି ବ୍ୟବସ୍ଥା ଓ ଜବର ଦଖଲ ଉଚ୍ଛେଦ କରାଯାଉ । ବରିଷ୍ଠ ନାଗରିକ ମଂଚ ସଂପାଦକ ମନୋରଂଜନ ମିଶ୍ର, ଦେବାଳୟ ସୁରକ୍ଷା କମିଟିର ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥି, ଯାଦବ ସମାଜ ସଭାପତି ପଙ୍କଜ ସେଲମା, କୋଶଳ ସେନାର ଇନ୍ଦ୍ରମଣି ସାହୁ, ଅଜିତ ପଟେଲ, ରାମଚନ୍ଦ୍ର ସାହୁ, ଆଶିଷ ମେହେର, ରାଜୁ ରଣା, ଶୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଦାବିପତ୍ର ଜଣାଇଛନ୍ତି ।

# କଟକ ଠାରେ 'ପ୍ରଜାତନ୍ତ୍ର ଅମୃତ ଉତ୍ସବ'ର ଉଦଘାଟନ କଲେ କେନ୍ଦ୍ର ଗୃହ ମନ୍ତ୍ରୀ

କଟକ/ଭୁବନେଶ୍ୱର, (ପି.ଏନ): ଓଡ଼ିଶାରେ ଏବେ ଅଚ୍ଛେ ଦିନ୍ ଆସିଛି ଏବଂ ଆଗାମୀ ଦିନରେ ମୁଁ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରୁଛି ବୋଲି ସୋମବାର କଟକ ଇନଡ଼ୋର ଷ୍ଟାଡ଼ିୟମ ଠାରେ ଡ.ହରେକୃଷ୍ଣ ମହାତାବଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈ ?ନିକ 'ପ୍ରଜାତନ୍ତ୍ର ଅମୃତ ଉତ୍ସବ' ରେ କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହ ଯୋଗ ଦେଇ କହିଛନ୍ତି । ଉଦଘାଟକ ଭାବେ ଯୋଗ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ ଉତ୍କଳ ଭୂମିରେ ପାଦ ରଖିଲେ ମନରେ ଭକ୍ତିଭାବ ଆସେ । ଯେବେ ବି ମୁଁ ଓଡ଼ିଶା ଆସେ ପ୍ରଥମେ ମହାପ୍ରଭୁଙ୍କୁ ପ୍ରଣାମ ଜଣାଏ । ଗୁଜୁରାଟର ଅହମ୍ମଦବାଦରେ ଜଗନ୍ନାଥ ଅଛନ୍ତି ଓ ପୁରୀରେ ବି ଜଗନ୍ନାଥ ଅଛନ୍ତି । ମହାପ୍ରଭୁ ଜଗନ୍ନାଥ ହିଁ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସମଗ୍ର ଦେଶକୁ ଭକ୍ତି ଓ ସଂସ୍କୃତିରେ ଯୋଡ଼ି ରଖିଛନ୍ତି । ସେ କହିଛନ୍ତି ଯେ ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ କରାଯାଉଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ମିଶି ବିକାଶ କାମକୁ ଆଗେଇ ନେଉଛନ୍ତି । ଓଡ଼ିଶାର ଅଚ୍ଛେ ଦିନର କାରଣ ଆଜି ଓଡ଼ିଶାର ଗରିବ ପରିବାରରେ ଜନ୍ମିତ ଦ୍ରୌପଦୀ ମୁର୍ମୁ ମହାମହିମ ହୋଇଛନ୍ତି । ଏହା ସାରା ଦେଶର ଆଦିବାସୀମାନଙ୍କ ଲାଗି ଗର୍ବ ଓ ଗେ ?ରବର ବିଷୟ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରୀ ହୋଇଛନ୍ତି । ଓଡ଼ିଶାରୁ ଅଶ୍ୱିନୀ ବୈ ?ଷ୍ଣବ, ବିଶେଶ୍ୱର ଟୁଡୁ କେନ୍ଦ୍ର ମନ୍ତ୍ରୀମଣ୍ଡଳିରେ ସାମିଲ ଅଛନ୍ତି । ବିଶ୍ୱଭୂଷଣ ହରିଚନ୍ଦନ ରାଜ୍ୟପାଳ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାସନ କାଳରେ ଓଡ଼ିଶାକୁ ଯେଉଁଭଳି ପ୍ରତିନିଧିତ୍ୱ ମିଳିଛି, ତାହା ସ୍ୱାଧୀନତା ପରେ କେବେ ବି ମିଳି ନାହିଁ ।ଉତ୍କଳ କେଶରୀ ମହାତାବ ସ୍ୱାଧୀନତା ପୂର୍ବରୁ ଓ ପରେ ଦେଶ ପାଇଁ ଲଢ଼େଇ କରିଥିଲେ । ଉତ୍କଳ ପ୍ରଜାଙ୍କୁ ସର୍ବଦା ନିଜ କାମ ଦ୍ୱାରା ସେ ଗୌରବାନ୍ୱିତ କରିଛନ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଜାତନ୍ତ୍ର ରାଜ୍ୟର ବିଭିନ୍ନ ଜନ ଆନ୍ଦୋଳନରେ ସ୍ୱର ଦେବାର କାମ କରିଛି ବୋଲି ଶ୍ରୀ ଶାହ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ ଜଣେ ଓଡ଼ିଆ ଭାବେ ମୁଁ ଚିନ୍ତା କରେ 'ପ୍ରଜାତନ୍ତ୍ର' କେବଳ ସଠିକ୍ ରାଜନୈତିକ ଉଦ୍ଦେଶ୍ୟର ପ୍ରବର୍ତକ କିମ୍ବା ମାର୍ଗଦର୍ଶକ ନ ଥିଲା ବରଂ ଓଡ଼ିଆ ଜନ ଆକାଂକ୍ଷା, ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ତଥା ଓଡ଼ିଆ ଜନଜୀବନର ସଠିକ୍ ଦର୍ପଣ ଥିଲା । ଏଥିପାଇଁ ପ୍ରଜାତନ୍ତ୍ରକୁ ନେଇ ମୁଁ ମନ ଭିତରେ ଶ୍ରଦ୍ଧା କରେ । ଏହି ଅନୁଷ୍ଠାନ ଓଡ଼ିଆ ସ୍ୱାଭିମାନ ଓ ଅଭିବ୍ୟକ୍ତିର ନିଚ୍ଛକ ପ୍ରତୀକ । ଶ୍ରୀ ପ୍ରଧାନ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପ୍ରଜାତନ୍ତ୍ର ଓ ଓଡ଼ିଆ ବୌଦ୍ଧିକ ସମ୍ପଦକୁ ନତମସ୍ତକ ହୋଇ ପ୍ରଣାମ ଜଣାଇଛନ୍ତି । ସ୍ୱାଧୀନତା ପୂର୍ବ ଓଡ଼ିଶାର ଲଢେଇ ଓ ସ୍ୱାଧୀନତା ପରର ଓଡ଼ିଶାର ଦୃଷ୍ଟି, ଏ ସବୁ ବିଷୟକୁ 'ପ୍ରଜାତ'ନ୍ତ୍ର ଓ ଡ଼. ମହତାବଙ୍କୁ ଛାଡ଼ି କଳ୍ପନା କରିବା ଅସମ୍ଭବ । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବ ଏବଂ ଗୃହ ମନ୍ତ୍ରୀ ଅମିତ ଶାହ ଦେଶକୁ ଏକତ୍ରୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ମୁଁ ଓଡ଼ିଶାର ଗଡ଼ଜାତ ଅଂଚଳର ଅଧିବାସୀ । ସେ ସମୟର ପୀଡ଼ା ଓ ବେଦନାକୁ ମୁଁ ଏବେ ଅନୁଭବ କରିପାରୁଛି । ପଟେଲ ଭାରତରେ ଥିବା ଗଡ଼ଜାତ ଅଂଚଳ ଓ ସ୍ୱାଧୀନ ରାଜ୍ୟକୁ ଦେଶ ସହ ମିଶାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ସେହିପରି ଡ଼.ମହତାବ ଗଡ଼ଜାତ ରାଜ୍ୟ ଗୁଡ଼ିକର ଓଡ଼ିଶା ସହ ମିଶ୍ରଣରେ ନୀଳଗିରିକୁ ପ୍ରଥମେ ସାମିଲ କରାଇଥିଲେ । ପରେ ଶାହ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହଯୋଗରେ ଜାମ୍ମୁ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ କରି ପଟେଲ ଓ ମହତାବଙ୍କ ଅଧା ସ୍ୱପ୍ନକୁ ପୂରଣ କରିଛନ୍ତି । ଏହା ଗୌରବର ବିଷୟ ଯେ ମହତାବ ଆମେରିକାର ପ୍ରିନ୍ସଟୋନ ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ସାମ୍ନାରେ ଭାଷଣ ପ୍ରଦାନ କରିଥିଲେ । ଆଗାମୀ ୨୫ ବର୍ଷ ପରେ ଦେଶ ସ୍ୱାଧୀନତାର ଏବଂ 'ପ୍ରଜାତନ୍ତ୍ର' ନିଜ ପ୍ରତିଷ୍ଠାର ଶତବାର୍ଷିକୀ ପୂରଣ କରିବ । ପ୍ରଧାନମନ୍ତ୍ରୀ ମୋଦି ସଠିକ ଭାବେ ଏହାକୁ ଅମୃତ କାଳ କହିଛନ୍ତି । ଏହି ସମୟରେ ଆମର ପୂର୍ବଜ ସମୂହ ଯଥା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ କେଶରୀ ମହତାବ,ବୀର ବକ୍ସି ଜଗବନ୍ଧୁ, ଶହୀଦ ଲକ୍ଷ୍ମଣ ନାୟକ, ସୁରେନ୍ଦ୍ର ସାଏ ଓଡ଼ିଶାକୁ ଚରମ ବୈଭବକୁ ନେବା ପାଇଁ ସ୍ୱପ୍ନ ଦେଖିଥିଲେ । ଏହି ଅମୃତ କାଳରେ ସେହି ସ୍ୱପ୍ନକୁ ପୂରଣ କରିବା ପାଇଁ ଆମେ ଓଡ଼ିଆ ଲୋକମାନେ ସଂକଳ୍ପ କରିବା ଯେ ଓଡ଼ିଶାକୁ କେବଳ ଭାରତବର୍ଷର ନୁହେଁ ବରଂ ବିଶ୍ୱର ଏକ ଅଗ୍ରଣୀ ଅଂଚଳ ଭାବରେ ତିଆରି କରିବା ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେତେବେଳେ ଦେଶ ସ୍ୱାଧୀନତାର ୭୫ ବର୍ଷ ଯାତ୍ରା ଅବସରରେ ଆମେ ଅମୃତ ମହୋତ୍ସବ ପାଳନ କରଅଛେ । ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯିବାର ପ୍ରସ୍ତୁତି ସହ ଦେଶରେ ନବ ଜାଗରଣ ଜାଗ୍ରତ ସୃଷ୍ଟି କରିବାର ସାମାଜିକ ପ୍ରଚେଷ୍ଟା କରାଯାଉଛି । ସେଭଳି ଏକ ମୁହୂର୍ତରେ ଓଡ଼ିଆଙ୍କର ଅନ୍ୟତମ ପରିଚୟ 'ପ୍ରଜାତନ୍ତ୍ର' ୭୫ ବର୍ଷରେ ପର୍ଦାପଣ କରିବା ଏକ ସୁଖଦ ସଂଯୋଗ । ବିଶେଷ ଭାବରେ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବରେ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଓଡ଼ିଶାକୁ ନୂଆ ପରିଚୟ ଦେଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ପ୍ରଜାତନ୍ତ୍ରର ସମ୍ପାଦକ ତଥା ସାଂସଦ ଡ଼. ଭର୍ତୃହରି ମହତାବ, ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଶ୍ରୀମତୀ ପ୍ରତିଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଦୈନିକ ପ୍ରଜାତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଗୃହ ମନ୍ତ୍ରୀ ଶ୍ରୀ ଶାହଙ୍କ ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶ୍ରାବଣ ମାସର ଶେଷ ସୋମବାରରେ ପ୍ରଥମେ ଲିଙ୍ଗରାଜ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ପରେ କଟକ ଗସ୍ତ କରି ଓଡ଼ିଆ ବଜାର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ଓ ସଂଗ୍ରହାଳୟ ପରିଦର୍ଶନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି କରିଥିଲେ । କଟକ ଗସ୍ତ କାଳରେ ଶ୍ରୀ ଶାହଙ୍କୁ କଟକର ନିଶାମଣୀ ମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଡାଇରିଆ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,(ପି.ଏନ): ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସ୍ଥିତ ସରକାରୀ ଉନ୍ନୀତ ବିଦ୍ୟାଳୟ ଠାରେ ଜୁନିୟର ରେଡକ୍ରସ ଆନୁକୁଲ୍ୟରେ ଡାଇରିଆ ନିରାକରଣ ଉପଲକ୍ଷେ ଏକ ଜନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେରମେଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବ୍ଲକ କଲୋନୀ ସି.ଆର.ସି.ସି ଚିନ୍ତାମଣି ସାହୁ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୁନିୟର ରେଡକ୍ରସ କାଉନସିଲର ରାମ ନାରାୟଣ ଦାଶ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଡାଇରିଆରୁ ରକ୍ଷା ପାଇବା ପାଇଁ ହାଲୋଜେନ ବଟିକା ପଡିଥିବା ପାଣି ବା ବିଶୁଦ୍ଧ ଫୁଟାପାଣି ପାଣି ପିଇବା, ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା, ହାତକୁ ଭଲ ଭାବରେ ସର୍ବଦା ଧୋଇବା, ତଟକା ଏବଂ ଗରମ ଖାଦ୍ୟ ଖାଇବା, ତରଳ ଝାଡା ହେଲେ ଓ.ଆର.ଏସ୍ ଦ୍ରବଣ ସହିତ ଜିଙ୍କ ବଟିକା ୧୪ ଦିନ ପର୍ଯ୍ୟନ୍ତ ନିୟମିତ ସେବନ କରିବା ସହ ସ୍ୱାସ୍ଥ୍ୟକର୍ମୀ ତଥା ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ମୁଖ୍ୟଅତିଥି ଶ୍ରୀମିଶ୍ର ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଲିଙ୍ଗରାଜ ନନ୍ଦ, ହିମାଂଶୁ ଶେଖର ବିଶ୍ୱାଳ, ସମୀର ସେଠୀ, ଦୀପକ ସେନ୍ ଧରୁଆ, ଶିକ୍ଷୟତ୍ରୀ ଗାୟତ୍ରୀ ବାରିକ, କାନ୍ତୀ ଭାଇ, ଯଶୋବନ୍ତୀ ସୁନା, ଦ୍ରୋପଦୀ ଭୋଇ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକମାନେ ଶିକ୍ଷାଦାନକୁ ନିଜର ବ୍ରତ ଭାବରେ ଗ୍ରହଣ କରନ୍ତୁ : ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ

ଭୁବନେଶ୍ୱର,(ପି.ଏନ): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଭୁବନେଶ୍ୱର ସ୍ଥିତ ଲେମୋନ ଟ୍ରି ପ୍ରିମିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଏକ ଦିନିକିଆ ସମିଳନୀରେ ମୁଖ୍ୟ ଅତିଥି ରୂପେ ଯୋଗ ଦାନ କରି ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷାଦାନକୁ ନିଜର ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାଶ ମୁଖ୍ୟମନ୍ତ୍ରୀଙ୍କ ଫାଇଭଟି ଉଚ୍ଚ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ, ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ସର୍ବପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଙ୍ଗୀନ ବିକାଶ କରିବା ନିମନ୍ତେ ସାମୁହିକ ପ୍ରଚେଷ୍ଟା ପାଇଁ ଆହ୍ୱାନ ଦେଇଥିଲେ । ନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଯେଉଁ ଆଶାଭରସା ରହିଛି ତାହାର ତ୍ୱରିତ ରୂପାୟନ ନିମନ୍ତେ ମନ୍ତ୍ରୀ ଶ୍ରୀ ଦାଶ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଜେ ପାଲ ଓ ବ୍ରେକ ଥ୍ରୁ ଟ୍ରଷ୍ଟ ଆନୁକୂଲ୍ୟରେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଆଗାମୀ ଶିକ୍ଷା ବର୍ଷରୁ ପିଲାମାନଙ୍କ ପାଠ୍ୟ ପୁସ୍ତକରେ ଲିଙ୍ଗଗତ ସମାନତା ପାଠ୍ୟ କ୍ରମରେ ସାମିଲ କରାଯିବ । ବର୍ତମାନ ପିଲାମାନଙ୍କୁ ଏକ ସହାୟକ ପୁସ୍ତିକା ମାଧ୍ୟମରେ ଲିଙ୍ଗଗତ ସମାନତା ପାଠ ଅଧ୍ୟୟନ କରିବେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳନା କରାଯିବ । , ଜେ ପାଲ ଓ ବ୍ରେକ ଥ୍ରୁ ବୈଷୟିକ ଓ ଗବେଷଣା ସହାୟତା ଯୋଗାଇ ଦେବ ବୋଲି ସମ୍ମିଳନୀରେ ଆଲୋଚନା କରାଯାଇଥିଲା ।ଏହି ଅବସରରେ ବିଦ୍ୟାଳୟ ବାହାରେ ଥିବା, ଅଧାରୁ ପାଠ ଛାଡିଥିବା ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ ପାଇଁ ଏକ ପେଟିକାକୁ ମାନ୍ୟବର ମନ୍ତ୍ରୀ ଓ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଉନ୍ମଚିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ୧୦ଟି ଆକାଂକ୍ଷୀ ଜିଲା ଗୁଡିକରେ ୧୦୦ ଗୋଟି ବିଦ୍ୟାଳୟରେ ପ୍ରଚଳନ କରାଯାଇଛି, ଯାହାକି ବିଦ୍ୟାଳୟ ସମୟ ନିର୍ଘଂଟ ବାହାରେ କ୍ଲାସ ହେବାର ଯୋଜନା ରହିଛି । ଏହି ଅବସରରେ 'ଶିକ୍ଷଣ ଭରଣା ଯୋଜନା' କାର୍ଯ୍ୟକ୍ରମର ପୁସ୍ତିକା ଓ ସଫ୍ଟଓୟାର ମଧ ର ମନ୍ତ୍ରୀଙ୍କ ଦ୍ୱାରା ପିଲାମାନଙ୍କ ପାଇଁ ଲୋକାର୍ପିତ ହୋଇଥିଲା । ଏହା ଦ୍ୱାରା ୪୩,୯୧,୨୮୭ ଛାତ୍ରଛାତ୍ରୀ ଉପକୃତ ହେବେ ।ଉକ୍ତ ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠି, ଶ୍ରୀ ଅନୁପମ ସାହା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଅତିରିକ୍ତ ଶାସନ ସଚିବ ତଥା ଅଧକ୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, ଶ୍ରୀ ଅଶ୍ୱିନୀ କୁମାର ମିଶ୍ର, ଅଧକ୍ଷ ମାଧ୍ୟମିକ ଶିକ୍ଷା ପରିଷଦ, ଶ୍ରୀ ରାମଶିଷ ହାଜରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ସତ୍ୟ ରଞ୍ଜନ ସାହୁ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଶ୍ରୀ ବୃନ୍ଦାବନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ସମ୍ମିଳନୀରେ ବିଭାଗୀୟ ବରିଷ୍ଠ ପଦାଧିକାରୀଙ୍କ ସମେତ ସମସ୍ତ ଜିଲ୍ଲାର ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ପରିଶେଷରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଲାଭରମ ପ୍ରକଳ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ସ୍ଥାୟୀ ପ୍ରତିକାର ଦାବି କଲେ ନବରଙ୍ଗପୁର ସାଂସଦ

ମାଲକାନଗିରି,(ପି.ଏନ):ମାଲକାନଗିରି ଜିଲ୍ଲାର ମୋଟୁ ଓ ଏହାର ଆଖପାଖ ଅଂଚଳ ରେ ପୋଲାଭରମ ପ୍ରକଳ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ସ୍ଥାୟୀ ପ୍ରତିକାର ଦାବିରେ ମାନ୍ୟବର ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ର ସାଂସଦ ରମେଶ ଚନ୍ଦ୍ର ମାଝୀ ଆଜି କେନ୍ଦ୍ର ସରକାରଙ୍କ ଜଳସମ୍ପଦ ବିଭାଗ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ତାଙ୍କ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି ଯେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ପୋଲାଭରମ ପ୍ରକଳ୍ପ ଦ୍ୱାରା ଚଳିତ ବର୍ଷାରେ ମାଲକାନଗିରି ଜିଲ୍ଲାର ମୋଟୁ ଓ ଏହାର ଆଖପାଖ ଅଂଚଳ ରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଓ ଏଥି ସହ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ଜଳସମ୍ପଦ ମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ଅନୁରୋଧ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସ୍ୱାଧୀନତାର ଗୌରବ ଯାତ୍ରା ଆରମ୍ଭ କଲା

ଭୁବନେଶ୍ୱର,(ପି.ଏନଏସ: ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତ କଂଗ୍ରେସ କମିଟି ଅଗଷ୍ଟ ୯ କ୍ରାନ୍ତି ଦିବସ ଠାରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଦେଶବ୍ୟାପି ୭୫ କିଲୋମିଟର ସ୍ୱାଧୀନତା ଗୌରବ ଯାତ୍ରା ଅନୁଷ୍ଠିତ କରିବାପାଇଁ ନିଷ୍ପତି ନେଇଛନ୍ତି। ତଦନୁଯାୟୀ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମସ୍ତ ସାଂଗଠନିକ ଜିଲ୍ଲାରେ ଏହି ସ୍ୱାଧୀନତା ଗୌରବ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି କ୍ରମରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ସ୍ଥିତ ନାଲକୋ ଛକ ମହାତ୍ମା ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଏଆଇସିସି ସଂପାଦକ, ଓଡ଼ିଶା ସହ ପ୍ରଭାରୀ ଶ୍ରୀ ଜି. ରୁଦ୍ର ରାଜୁ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଅଖିଳ ଭାରତ ମଜଦୁର କଂଗ୍ରେସ ସଭାପତି ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ଯଜ୍ଞେଶ୍ୱର ବାବୁ, ଶୁଭେନ୍ଦୁ ମହାନ୍ତି, ମନୋରନ ଦାଶ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ଅଭିଷେକ ମହାନନ୍ଦ, ପ୍ରକାଶ ଜେନା, ଲୋକନାଥ ମହାରଥି, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର,



ନିରନ ନାୟକ ଓ ବହୁ ମାନ୍ୟଗଣ୍ୟ କଂଗ୍ରେସ ନେତୃବର୍ଗ ପଦାଧିକାରୀ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ୱାଧୀନତା ଗୌରବ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରା ଜାଭିୟର ଇନଷ୍ଟିଚ୍ୟୁଟ ଅଫ ମେନେଜମେଂଟ, ମୁଣ୍ଡାସାହି, ସାଲିଆ ସାହି ମଧ ଦେଇ ନୟାପଲ୍ଲୀ ଏନ-୫ ହନୁମାନ ମନ୍ଦରି ପାଖରେ ସମାପ୍ତ ହୋଇଥିଲା। ରାମଧୁନ, ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ଶ୍ରଦ୍ଧାର ବଲ୍ଲଭାଇ ପଟେଲ, ସୁବାଷ ବୋଷ, ଗାନ୍ଧୀ, ଗୋପବନ୍ଧୁ, ମାଳତି ଚୌଧୁରୀ, ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟଧ୍ୱନୀ ଦେଇ ୫ କି.ମି ରୁ ଅଧିକ ରାସ୍ତା ଅତିକ୍ରମ କରିଥିଲେ। ଏହି ପଦଯାତ୍ରାରେ ହଜାର ହଜାର କଂଗ୍ରେସ କର୍ମୀ ମହିଳା ସଭାନେତ୍ରୀ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସେବାଦଳ ଏବଂ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର କାର୍ଯ୍ୟକର୍ତା ସହିତ ଶହ ଶହ ସାଧାରଣ ଜନତା ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଦଶେ କଂଗ୍ରେସ ସଭାପତି ସମସ୍ତ ସହଯାତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଏହି ପଦଯାତ୍ରାର ସହଯାତ୍ରୀ ମାନଙ୍କୁ ଭାରତ ଗୌରବ ଯାତ୍ରାର ଉଦ୍ଦେଶ୍ୟ ସଂପର୍କରେ ବୁଝାଇଥିଲେ। ବିଶିଷ୍ଟ କଂଗ୍ରେସ ନେତୃବୃନ୍ଦମାନଙ୍କ ମଧରେ ଦେବରାଜ ମିଶ୍ର, ଅଶୋକ ଦାସ, ଦୀପକ ସାହୁ, ରାଜୀବ ପଟ୍ଟନାୟକ, ସୌମରେନ୍ଦ୍ର ମହାନ୍ତି, ମୋହନ ଜେନା, ସେକ ତାକ୍ୱିନ, ମଂଟୁ ମଲ୍ଲିକ, ବ୍ରହ୍ମାନନ୍ଦ ସାହୁ, ଶ୍ରୀଧର ବଳିଆର ସିଂ, ଶ୍ରୀୟା ମହାନ୍ତି, ସ୍ୱାଧୀନବାଳା ଦାସ, ଶୁଭଦ୍ରା ମିଶ୍ର, ପ୍ରଭାବତି ପଟ୍ଟନାୟକ, କୁସୁମ ପ୍ରଧାନ, ଚୈତାଳୀ ପଟ୍ଟନାୟକ, ଜାନକୀ ମଲ୍ଲିକ, ଜ୍ୟୋତିଷ ସାହୁ, ମଧୁସ୍ମିତା ଆଚାର୍ଯ୍ୟ, ଅନିଲ ଦାସ, ନିହାର ବେହେରା, ଶିବା ରେଡି, ଜୟନ୍ତୀ ପାତ୍ର, ପ୍ରତିମା ମହାନ୍ତି, ବୈଲୋଚନ ସାହୁ, ପ୍ରଶ୍ନନ ପାଇକରାୟ, ଏମଡି ଶାହାଦୁଲ୍ଲା, କୁଳମଣି ସାହୁ, ରମେଶ ମଲ୍ଲିକ, ଝୁଲିଆ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବଡଚଣା ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ





ଦର୍ପଣ,(ପିଏନଏସ : ସ୍ୱାଧିନତାର ୭୫ ବର୍ଷ ପୂର୍ତି ଉପଲକ୍ଷେ ସମଗ୍ର ଦେଶରେ ପାଳିତ ହେଉଥିବା ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ଆଜି କ୍ରାନ୍ତି ଦିବସ ଉପଲକ୍ଷେ ବଡଚଣା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଯୁବମୋର୍ଚ୍ଚାର କର୍ମୀମାନେ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ଠାରେ ପୂଜାର୍ଚ୍ଚନା କରି ଏକ ହଜାରରୁ ଉର୍ଦ୍ଧ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଆସି ଚଣ୍ଡିଖୋଲ ଛକରେ ପହଂଚି ଥିଲେ । ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କରାଯାଇଥିଲା । ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା ବଡଚଣା ବିଜେପି ନେତା ଅମର ନାୟକଙ୍କ ନେତୃତ୍ୱରେ ହଜାରରୁ ଉର୍ଦ୍ଧ ଯୁବମୋର୍ଚ୍ଚା କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଜନହିତକର ଯୋଜନାକୁ ସମାଜର ସର୍ବନିମ୍ନରେ ଥିବା ଲୋକମାନଙ୍କ ନିକଟରେ ପହଂଚାଇବା ସହିତ ବଡଚଣାରେ ଚାଲିଥିବା ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ସହିତ ଆଗାମୀ ଦିନରେ ଅକ ଦୁର୍ନୀତି ମୁକ୍ତ ସ୍ୱାଭିମାନୀ ବଡଚଣା ଗଠନ କରିବାକୁ ଯୁବମୋର୍ଚ୍ଚା କର୍ମୀମାନଙ୍କୁ ଆହ୍ୱାନ ଦେବା ସହିତ ବଡଚଣାରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଯୁବକମାନେ ହିଁ ପରିବର୍ତ୍ତନର ମୁଖ୍ୟ ଆୟୁତ ହେବେ ବୋଲି ଶ୍ରୀ ନାୟକ ଆହ୍ୱାନ ଦେଇଛନ୍ତି । କ୍ରାନ୍ତି ଦିବସରେ ଯୁବମୋର୍ଚ୍ଚାର କର୍ମୀମାନେ ବଡଚଣାରେ ଚାଲୁଥିବା ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ଲଢାଇ କରିବାକୁ ଶପଥ ନେଇଥିଲେ । ପ୍ରତିକୁଳ ପାଗ ଶତ୍ୱେ ହଜାରରୁ ଉର୍ଦ୍ଧ ଯୁବମୋର୍ଚ୍ଚାର କର୍ମୀମାନେ ତ୍ରୀରଙ୍ଗା ପତାକା ଧରି ବର୍ଷାରେ ଭିଜି ଦୀର୍ଘ ଆଠ କି.ମି ଅତିକ୍ରମ କରି ହର୍ ଘର୍ ତ୍ରୀରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଯୁବମୋର୍ଚ୍ଚାର କର୍ମୀମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ଦେଶର ସ୍ୱାଧିନତା, ଦେଶ ମାତୃକାର ସେବା ପାଇଁ ପ୍ରାଣବଳୀ ଦେଇଥିବା ମହାପୁରୁଷ ମାନଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପ୍ରଧାନମନ୍ତ୍ରୀ ଆହ୍ୱାନ କ୍ରମେ ପବିତ୍ର ସ୍ୱାଧିନତା ଦିବସରେ ପ୍ରତ୍ୟେକ ଭାରତୀୟ ନାଗରିକ ନିଜ ଘରେ ତ୍ରୀରଙ୍ଗା ପତାକା ଉଡାଇବା ସହ ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୟ ପ୍ରତି ପ୍ରତ୍ୟେକ ନାଗରିକ ଯତ୍ନ୍ୟାନ ହେବାପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଯୁବମୋର୍ଚ୍ଚା ପ୍ରଭାରୀ ଶଶାଙ୍କ ରାଜ, ରାଜ୍ୟ ସମ୍ପାଦକ ବିକ୍ରମ ବିଶ୍ୱାଳ, ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ବିଶ୍ୱଜିତ ରାଜ୍, ଜିଲ୍ଲା ପ୍ରଭାରୀ ଅମୃତ ସ୍ୱାଇଁ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସ୍ୱେଦେଶ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ସିଂ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦୀପକ କୁମାର ସାମଲ, ଜିଲ୍ଲା ଦଳୀତ ମୋର୍ଚ୍ଚା ସଭାପତି ପ୍ରଭାକର ମଲ୍ଲିକ, ପଛୁଆ ବର୍ଗ ମୋର୍ଚ୍ଚା ସଭାପତି ସମରେନ୍ଦ୍ର ପରିଡା, ଜିଲ୍ଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରମୁଖ ଯୋଗଦେଇ ସ୍ୱାଧିନତାର ଅମୃତ ମହୋତ୍ସବର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ଶେଷରେ ବିଶ୍ୱଜିତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଯୁକ୍ତ ୩ ବିଜ୍ଞାନ ଓ ଯୁକ୍ତ ୩ କଳାରେ ନୂତନ ଅନର୍ସ ଖୋଲିବାକୁ ସଚେତନ ନାଗରିକ ମଞ୍ଚ ତରଫରୁ ଦାବୀ

ବାରିପଦା,(ପି.ଏନଏସ: ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୧୯୯୮-୯୯ ମସିହାରୁ ଅନୁମତି ପାଇଅଛି। ଏଥି ମଧରେ ଏହି ମହାବିଦ୍ୟାଳୟରେ +୩ କଳା, +୩ ବିଜ୍ଞାନ ଓ +୩ ବାଣିଜ୍ୟ ଏବଂ ଏମ.ଏ. ( ପି.ଏମ.ଆଇ.ଆରଏ ଶ୍ରେଣୀ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇବା ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ । ଏହା ଛଡା ବିଶ୍ୱବିଦ୍ୟାଳୟ ଆୟୋଗ ଦ୍ୱାରା ୨(ଏଫଏ ଏବଂ ୧୨(ବିଏରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ। ମହାବିଦ୍ୟାଳୟ ତରଫରୁ ୨୦୧୭-୧୮ ମସିହାରେ +୩ କଳାରେ ସଂସ୍କୃତ, ସୋସିଓଲୋଜି, ସାଇକୋଲୋଜି, ହୋମ ସାଇନସ ଏବଂ +୩ କଳାରେ ଜିଓଲୋଜି, ଗଣିତ ଏବଂ କମ୍ପ୍ୟୁଟର ସାଇନ୍ସ ବିଷୟରେ ଅନର୍ସ ( ସମ୍ମାନସ ଖୋଲିବା ନିମନ୍ତେ ଅନଲାଇନ ଆବେଦନ କରିଥିଲେ । ବାଲେଶ୍ୱରସ୍ଥିତ ରିଜିଓନାଲ ଡାଇରେକ୍ଟର ଅଫ୍ ଏଜୁକେସନ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଦ୍ୱାରା ଯୁଗ୍ମ ପରିଦର୍ଶନ କରାଯାଇଥିଲା କିନ୍ତୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କୌଣସି ନିଷ୍ପତ୍ତି ନ କରିବାରୁ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ତରଫରୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୋର୍ଟରେ ଅପିଲ କରାଯାଇଥିଲା ଏବଂ ରାଜ୍ୟ ସରକାରଙ୍କ ତରଫରୁ ତା. ୪.୫.୨୦୨୨ରେ ପ୍ରଥମେ ଶୁଣାଣି କରାଯାଇଥିଲା । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମହାବିଦ୍ୟାଳୟ ତରଫରୁ ଲିଖିତ ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି କିନ୍ତୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ +୩ କଳା ଓ ବିଜ୍ଞାନରେ ନୂତନ ଶ୍ରେଣୀ ଖୋଲିବାକୁ ଅନୁମତି ଦେଇନାହାନ୍ତି । ଏହି ମହାବିଦ୍ୟାଳୟରେ +୩ କଳା ଓ ବିଜ୍ଞାନରେ ନୂତନ ସମ୍ମାନ ଶ୍ରେଣୀ ଖୋଲିବା ନିମନ୍ତେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ ପତ୍ର ଦେବା ସହିତ ସଂପୃକ୍ତ ଅନୁରୋଧ ପତ୍ରର ନକଲ ଉଚ୍ଚଶିକ୍ଷା ଶାସନ ସଚିବଙ୍କୁ ମଧ ପ୍ରଦାନ କରିଥିଲେ କିଁ ବିଭାଗ ତରଫରୁ କୌଣସି ନିଷ୍ପତ୍ତି ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ମୟୂରଭ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ତେଣୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ମହାବିଦ୍ୟାଳୟରେ ନୂତନ ସମ୍ମାନ ଶ୍ରେଣୀ ଖୋଲାଯିବାର ଆବଶ୍ୟକତା ରହିଛି ବୋଲି ବାରିପଦାର ପୂର୍ବତନ ବିଧାୟକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ ମତ ପ୍ରକାଶ କରିଛନ୍ତି । ତେଣୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ କିଶୋର ଦାଶ ଦୃଢ ଦାବୀ କରିଛନ୍ତି।

# ସଂସ୍କୃତି ହେଉଛି ମନୁଷ୍ୟର ଅନ୍ତରରେ ମହତ ଗୁଣରାଜିର ଉନ୍ମେଷ ଓ ବିକାଶ- ସ୍ୱାମୀ କ୍ରିଷ୍ଣା ପ୍ରେମାନନ୍ଦ ସରସ୍ୱତୀ




ଦର୍ପଣ,(ପିଏନଏସ:ପୃଥିବୀରେ ଯେଉଁଠି ଯେତେ ଧର୍ମ ଗ୍ରନ୍ଥ ଲେଖାଯାଇଛି ସବୁଥିରେ ମନୁଷ୍ୟକୁ ସଂସ୍କୃତି ପ୍ରାଣ ହେବାକୁ ଆହ୍ୱାନ ଦିଆଯାଇଛି। ମନୁଷ୍ୟ ଭଲପାଇବା, ମନୁଷ୍ୟ ମନୁଷ୍ୟ ମଧରେ ସୌହାର୍ଦ୍ଦ୍ୟ, ଶ୍ରଦ୍ଧା, ସମ୍ପ୍ରିତିର ଭାବ ବନ୍ଧନ ରଚନା କରିବା, ମନୁଷ୍ୟ ପ୍ରତି ସହାନୁଭୁତିଶୀଳ ଓ ଦୟାଶୀଳ ହେବା ସହିତ ଲୋକମାନଙ୍କ ମଧ୍ୟରେ ସନାତନ ଧର୍ମର ନିତୀ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆଜିକ ଯୁବପୀଢି ଆଗେଇ ଆସିବା ସହିତ ଓଡିଶାର ଶିକ୍ଷା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବୀତ କରିବା ନୈତୀକ ମୁଲ୍ୟବୋଧ ଓ ସଦାଚାରକୁ ଆପଣାଇ ଏକ ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସଂସ୍କୃତି ହେଉଛି ମନୁଷ୍ୟର ଅନ୍ତରରେ ମହତ ଗୁଣରାଜିର ଉନ୍ମେଷ ଓ ବିକାଶ ବୋଲି ଚଣ୍ଡିଖୋଲ ସ୍ଥିତ ଡି.ୟୁ ପବ୍ଲିକ ସ୍କୁଲ ପରିସରରେ ଉମାକାନ୍ତ ମହାପାତ୍ର ସ୍ମୃତି ସଂସଦ ଆନୁକୁଲ୍ୟରେ ଆୟୋଜିତ ଯାଜପୁର ଜିଲ୍ଲା ବିଶିଷ୍ଟ ଶିକ୍ଷାବିତ ସମାଜସେବୀ ସ୍ୱର୍ଗତ ଉମାକାନ୍ତ ମହାପାତ୍ରଙ୍କ ୮୩ତମ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାମୀ କ୍ରିଷ୍ଣା ପ୍ରିୟାନନ୍ଦ ସରସ୍ୱତୀ ମତବ୍ୟକ୍ତ କରିଛନ୍ତି । ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାପ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପଣ୍ଡିତ ସୁର୍ଯ୍ୟମଣୀ ଖୁଂଟିଆ ପିତାମାତାଙ୍କର ସଂସ୍କାରିତ ଆଚାର ବ୍ୟବହାର ପିଲାମାନଙ୍କ ଉପରେ ପ୍ରଭାବ ପକାଇ ଥାଏ । ପିତାମାତାମାନେ ପିଲାମାନଙ୍କୁ ମହାପୁରୁଷଙ୍କ ପଥ ପଦର୍ଶକ ମାର୍ଗ ଦର୍ଶନରେ ଅଗ୍ରସର ହୋଇ ମା,ମାଟି ମାତୃଭୁମି ପ୍ରତି ନିଜର ସର୍ବୋତମ କର୍ତବ୍ୟବୋଧ କାର୍ଯ୍ୟଧାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ମହାବିନାୟକ ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଇଂ ଧନେଶ୍ୱର ମହାପାତ୍ର ଓ ବିଶିଷ୍ଟ କବି ତଥା ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ପ୍ରତ୍ୟେହ ପିଲାମାନେ ପିତାମାତା, ଗୁରୁ, ଗୁରୁଜନଙ୍କୁ ପ୍ରଣିପାତ କରିବା ସହ ଭଲ ମଣିଷ ହେବାପାଇଁ ଆହ୍ୱାନ ଦେଇଥିଲେ । ସ୍ମୃତିସଂସଦର ସମ୍ପାଦକ ଡଃ ପ୍ରିୟନାଥ ମହାପାତ୍ର ବାଷିଆକ ବିବରଣୀ ପାଠ କରିଥିଲା ବେଳେ ସହ ସମ୍ପାଦକ ଡଃ ବିଶ୍ୱଜିତ ମହାପାତ୍ର ସ୍ୱାଗତ ଭାଷଣ, ଡଃ ସୁଧିର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷୟତ୍ରୀ ଭାବେ ସୌଦାମିନୀ ନାୟକଙ୍କୁ ଉମାକାନ୍ତ ମହାପାତ୍ର ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସ୍ମୃତିସଂସଦର ମୁଖପତ୍ର ଉନ୍ମେଷଣ ପଥେ ଉମାୟନ ପୁସ୍ତକକୁ ଅତିଥଟମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଗୁରୁ ବନ୍ଦନା, ବେଦପାଠ, ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ମୃତିସଂସଦ ତରଫରୁ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହିତ ବଦ୍ୟାଳୟର ଛାତ୍ରଛାତ୍ରୀମାନେ ମେଡିକାଲ ଓ ବୈଷୟିକ ବିଦ୍ୟାରେ ଯୋଗଦେଇଥିବା ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯଆଇଥିଲା । ଶେଷରେ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray